ବର୍ଷ-୨୬, ସଂଖ୍ୟା-୧୪୯
ଭୁବନେଶ୍ୱର
୦୨, ଜୁନ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 149
Bhubaneswar
02, June, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଏକାଧିକ ପୁରସ୍କାର ଜିଣିଲେ ବୈଭବ

# ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ : ଦୁଇ ବର୍ଷରେ ୯୨% ସମସ୍ୟାର ସମାଧାନ

ଭୁବନେଶ୍ୱର,୧।୬(ମହାଭରତ):ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ତମ ପାଳି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି।

ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ



ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।ବିଭିନ୍ନ ରୋଗରେ ପୀଡିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି।ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି।ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି।

ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି। ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ । ଭୁବନେଶ୍ୱର ବାହାରେ ବିଭିନ୍ନ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ଦ୍ୱାରା ଦୂରଦୁରାନ୍ତରୁ ଲୋକମାନେ ଆଉ ଖର୍ଚ୍ଚାନ୍ତ ଓ ହଇରାଣ ହୋଇ ଭୁବନେଶ୍ୱର ଆସିବେ ନାହିଁ। ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୧।୬(ମହାଭରତ): ଆସନ୍ତା ଜୁନ ୩ରୁ ପୁରୀରେ ହେବାକୁ ଥିବା ବିଶ୍ୱ ସ୍ତରୀୟ ସମାବେଶ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜୁନ୍ ୪ ଉଦ୍‌ଘାଟନୀ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ବ୍ରିକ୍ସ ସମ୍ମିଳନୀରେ ମୋଟ ୧୧ ଦେଶର ପ୍ରତିନିଧି ଯୋଗ ଦେବେ । ବ୍ରାଜିଲ, ରୁଷିଆ, ଭାରତ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ଚାଇନା, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ୟୁଏଇ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବିପର୍ଯ୍ୟୟ ପରିଚାଳନା ଓ ଆଗୁଆ ସତର୍କତା ଉପରେ ହେବ ଉଚ୍ଚ ସ୍ତରୀୟ ଆଲୋଚନା ହେବ । ବିପର୍ଯ୍ୟୟର ପ୍ରସ୍ତୁତି, ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଆୟୋଜନ କରିବାର ସୁଯୋଗ ମିଳିଛି । ବୈଠକରେ ସ୍ଥାୟୀ ଡ଼ିଆରଆର ଅର୍ଥ ପରିଚାଳନା, ଭିତ୍ତିଭୂମି, ପୂର୍ବାନୁମାନ ଆଧାରିତ ପ୍ରକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ ବୋଲି

## ଦୁଇ ଜଣଙ୍କୁ ମାରିଲା ଦନ୍ତା

ଅନୁଗୋଳ,୧।୬(ମହାଭରତ): ଅନୁଗୁଳରେ ପୁଣି ଥରେ ଦନ୍ତାହାତୀର ଆତଙ୍କ ଦେଖିବାକୁ ମିଳିଛି। ଗୋଟିଏ ଦିନରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷର ପରିବେଶ ସୃଷ୍ଟି ହୋଇଛି। ବାରମ୍ବାର ଏପରି ଘଟଣା ଘଟୁଥିବାରୁ ମଣିଷ-ହାତୀ ସଂଘର୍ଷର ସ୍ଥାୟୀ ସମାଧାନ ଦାବି କରିଛନ୍ତି ଲୋକେ।ପ୍ରଥମ ଘଟଣା ଘଟିଛି ଅନୁଗୁଳ ବନାଞ୍ଚଳ ଅଧୀନସ୍ଥ ମୂଷାପାପୁଲି ଗାଁରେ। ସକାଳ ପ୍ରାୟ ସାଢେ ୬ଟା ସମୟରେ ୬୫ ବର୍ଷୀୟ ଗନ୍ଧର୍ବ ସାହୁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଏକ ଦନ୍ତାହାତୀ ସାମ୍ନାକୁ ଆସିଥିଲା। କିଛି ବୁଝିବା ପୂର୍ବରୁ ହାତୀଟି ତାଙ୍କ ଉପରେ ଆକ୍ରମଣ କରି ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗର ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।ସେହିପରି ଛେଣ୍ଡିପଦା ବନାଞ୍ଚଳର ନୂଆଗାଁ ଅଞ୍ଚଳରେ ମଧ୍ୟ ଆଉ ଏକ ଦୁଃଖଦ ଘଟଣା ଘଟିଛି। ଜରପାଳ ଗାଁର ପ୍ରମିଳା ରାଉଳ ନିଜ ଝିଅ ଘରକୁ ଯାଇଥିବା ବେଳେ ନିକଟସ୍ଥ ଅଞ୍ଚଳକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି କଚାଡ଼ି ମାରି ଦେଇଥିଲା। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ଡ୍ରୋନ୍ ଖସାଇଲା ଇରାନ୍, ଆମେରିକାର ଏୟାର ଷ୍ଟ୍ରାଇକ୍

ୱାସିଂଟନ,୧/୬(ମହାଭରତ): ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଉ ଏକ ବିପଦପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଅନ୍ତର୍ଜାତୀୟ ଜଳସୀମାରେ ଇରାନ ଦ୍ୱାରା ଗୁପ୍ତଚର ଡ୍ରୋନ ଏମ୍‌କ୍ୟୁ-୧କୁ ଗୁଳି କରି ଖସାଇ ଦେବାର ଜବାବରେ ଆମେରିକୀୟ ସେନା ଇରାନ ବିରୋଧରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୋମବାର ଦିନ, ଆମେରିକାର ଲଢୁଆ ବିମାନ ଦୁଇଟି ଇରାନ ଦ୍ୱୀପପୁଞ୍ଜ ଉପରେ ପ୍ରବଳ ବୋମା ମାଡ଼ କରିଛି। ଯାହା ଫଳରେ ଏହି ଅଞ୍ଚଳରେ ପୁଣି ଯୁଦ୍ଧ ହେବାର ଆଶଙ୍କା ଘନେଇବାରେ ଲାଗିଛି।

କୁଏତରେ ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ୍ କରି ଇରାନର ପ୍ରତିଶୋଧ ଆମେରିକାର ପ୍ରତିରକ୍ଷା ବିଭାଗ କହିଛି, ଏହି ଏୟାର ଷ୍ଟ୍ରାଇକ୍‌ରେ ଇରାନର ଗୋରୁକ ଏବଂ କ୍‌ୱେଶମ ଦ୍ୱୀପପୁଞ୍ଜକୁ ଟାର୍ଗେଟ କରିଥିଲା। ବୋମାମାଡ଼ରେ ଇରାନ ସେନାର ରାଡାର ସିଷ୍ଟମ, ଡ୍‌ରୋନ୍ ନିୟନ୍ତ୍ରଣ ଷ୍ଟେସନ ଏବଂ ମୁଖ୍ୟ କମାଣ୍ଡ ସେଣ୍ଟର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାସହିତ ଆମେରିକାର ଲଢୁଆ ବିମାନଗୁଡ଼ିକ ଦୁଇଟି ଇରାନୀ ଘାତକ ଡ୍‌ରୋନ୍‌କୁ ମଧ୍ୟ ଆକାଶ ମାର୍ଗରେ ଧ୍ୱଂସ କରିଦେଇଛି।

ଏହି ସଂଘର୍ଷ କେବଳ ଇରାନ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ସୀମିତ ହୋଇନାହିଁ। ରିପୋର୍ଟ ଅନୁଯାୟୀ କୁଏତରେ ଥିବା ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରି ଇରାନ ପ୍ରତିଶୋଧ ନେଇଛି। ଏହି ଘାତକ ଆକ୍ରମଣରେ ପାଞ୍ଚ ଜଣ ଆମେରିକୀୟ ସୈନିକ ଆହତ ହୋଇଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ଇରାନ ଜାଣିଶୁଣି କୁଏତକୁ ବାଛିଛି ଯାହା ଦ୍ୱାରା ଆମେରିକାକୁ ଏକ ବାର୍ତ୍ତା ପଠାଯାଇପାରିବ ଯେ, ଏହି

## ଅଗଷ୍ଟ ୩୧ ଯାଏଁ ବଢ଼ିଲା ଟଙ୍କା ଫେରସ୍ତ ଅବଧି

### ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ଖୁସି ଖବର

ଭୁବନେଶ୍ୱର,୧।୬(ମହାଭରତ): ବର୍ଷ ବର୍ଷ ଧରି ନିଜ ଜମା ଟଙ୍କା ଫେରି ପାଇବା ଆଶାରେ ଅପେକ୍ଷା କରିଥିବା ହଜାର ହଜାର ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ଆସିଛି ଏକ ବଡ଼ ଖୁସି ଖବର। ରାଜ୍ୟ ସରକାର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଆଉ ଏକ ସୁଯୋଗ ଦେଇ ଟଙ୍କା ଫେରସ୍ତ ଅବଧିକୁ ଆସନ୍ତା ଅଗଷ୍ଟ ୩୧, ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସବୁଠାରୁ ବଡ଼ କଥା ହେଲା, ଏବେ ଟଙ୍କା ଫେରସ୍ତ ପାଇବା ପାଇଁ ମୂଳ ଜମା ରସିଦ ଦେଖାଇବାର ଆବଶ୍ୟକତା ରହିବ ନାହିଁ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି। ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କ ସୁପାରିଶ ଆଧାରରେ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ଅଧିକ ସରଳ କରାଯାଇଛି। ଅନେକ ଜମାକାରୀ ସମୟକ୍ରମେ ମୂଳ ରସିଦ ହରାଇ ଦେଇଥିବାରୁ ଟଙ୍କା ପାଇବାରେ ସମସ୍ୟା ଭୋଗୁଥିଲେ। ଏବେ ସେମାନେ କେବଳ ବୈଧ ପରିଚୟପତ୍ର ଦେଖାଇ ନିଜର ଦାବି ଉପସ୍ଥାପନ କରିପାରିବେ। ଅର୍ଥ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, କୌଣସି ପ୍ରକୃତ କ୍ଷୁଦ୍ର ଜମାକାରୀ ଯେପରି ଟଙ୍କା ଫେରସ୍ତରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ମାର୍ଚ୍ଚ ୨୦୨୬ ଧାର୍ଯ୍ୟ ହୋଇଥିଲା। କିନ୍ତୁ ବହୁ ଜମାକାରୀ ଆବଶ୍ୟକ କାଗଜପତ୍ର ନଥିବା କାରଣରୁ ଏହାର ସୁବିଧା ପାଇପାରି ନଥିଲେ। ସରକାରଙ୍କ ଏହି ନୂଆ ପଦକ୍ଷେପ ହଜାର ହଜାର ପରିବାରଙ୍କ ମନରେ ପୁଣିଥରେ ଆଶାର ସଞ୍ଚାର କରିଛି। ବର୍ଷ ବର୍ଷର ଅପେକ୍ଷା ପରେ ନିଜ କଷ୍ଟ ଉପାର୍ଜିତ ଟଙ୍କା ଫେରି ପାଇବାର ରାସ୍ତା ଏବେ ଅଧିକ ସହଜ ହୋଇଥିବାରୁ ଜମାକାରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ଯେଉଁମାନେ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି, ସେମାନେ ଅଗଷ୍ଟ ୩୧ ପୂର୍ବରୁ ଆବଶ୍ୟକ ପ୍ରକ୍ରିୟା ପୂରଣ କରିବାକୁ ସରକାର ଅନୁରୋଧ କରିଛନ୍ତି।

### କବିସୂର୍ଯ୍ୟନଗର ଥାନାରେ ଭିନ୍ନକ୍ଷମ ଯୁବକକୁ ପିଟି ପିଟି ମାରିଦେବା ଘଟଣା

## ତିନି ପୋଲିସ କର୍ମଚାରୀ ସସପେଣ୍ଡ

କବିସୂର୍ଯ୍ୟନଗର,୧।୬(ମହାଭରତ): କବିସୂର୍ଯ୍ୟନଗର ଥାନାରେ ସୁବଳୟା ଗ୍ରାମର ଭିନ୍ନକ୍ଷମ ଯୁବକ ସୁଶାନ୍ତ କୁମାର ସାହୁଙ୍କୁ ପୋଲିସର ଅମାନୁଷିକ ମାଡ଼, ଗରମ ପାଣି ।ଳିବା, ଲଙ୍କା ଗୁଣ୍ଡ ପକାଇ ପିଟିବା ଭଳି ସାଙ୍ଘାତିକ ଅଭିଯୋଗ ପରେ ମୁମୂର୍ଷୁ ଅବସ୍ଥାରେ,ପରିବାର ଲୋକଙ୍କୁ ହସ୍ତାନ୍ତର କରି ମେଡିକାଲ ନେବା ପରେ ତାର ମୃତ୍ୟୁ ଘଟିଛି।

ଅନ୍ୟ ପଟେ ଘଟଣାଟି ଅତି ସମ୍ବେଦନଶୀଳ ହୋଇଥିବାରୁ ଥାନା ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।ବିଭିନ୍ନ ଥାନାରୁ ଥାନା ଅଧିକରୀ ଆସି ଡେରା ପକାଇଛନ୍ତି। ନିଜେ ଗଞ୍ଜାମ ଏସପି କବିସୂର୍ଯ୍ୟନଗର ଥାନାରେ ପହଂଚି ଘଟଣାର ଅନୁଧ୍ୟାନ କରୁଥିବା ବେଳେ ଦକ୍ଷିଣାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶରେ ଏସପିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ତଦନ୍ତ କରାଯିବ ବୋଲି ଏସପି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସାମ୍ପ୍ରତିକ ପରିସ୍ଥିତି, ଆଇନ ଶୃଙ୍ଖଳାକୁ ଦୃଷ୍ଟି ରେ ରଖି ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଛତ୍ରପୁର ଉପଜିଲ୍ଲାପାଳ, କବିସୂର୍ଯ୍ୟନଗର ବିଡ଼ିଓ, ତହସିଲଦାର କବିସୂର୍ଯ୍ୟନଗର ଥାନାରେ ଡେରା ପକାଇଥିବା ଜଣାଯାଇଛି। ଯାହା କୁହାଯାଉଛି ବ୍ରହ୍ମପୁର ମେଡିକାଲ ରେ ଶବକୁ ରଖାଯାଇଛି। ବ୍ୟବଚ୍ଛେଦରେ ବିଳମ୍ବ କରାଯାଇ,ଘଟଣାକୁ ରଫା ଦଫା ପାଇଁ ହୀନ ଉଦ୍ୟମ କରାଯାଉଥିବା ବେଳେ କବିସୂର୍ଯ୍ୟନଗର ବ୍ଲକରେ ମାଳ ମାଳ ନେତା ଥାଇ ମୃତକଙ୍କ ପରିବାର ପ୍ରତି କେହି ମୁହଁ ଖୋଲୁନଥିବାରୁ ହୀନ ରାଜନୀତି ପଦାରେ ପଡିଛି। ଘଟଣାକୁ ଭିନ୍ନ ମୋଡ଼ ପାଇଁ ଉଦ୍ୟମ ଚାଲିଛି। ଶାସକ ବିଜେପି ପକ୍ଷରୁ ବିଭିନ୍ନ ଚାପ ପକାଯାଉଥିବାବେଳେ ମୁଖ୍ୟ ବିରୋଧୀ ଦଳ ବିଜେଡିର କୌଣସି ନେତାଙ୍କୁ ଦେଖିବାକୁ ମିଳିନି। ହେଲେ ସରକାରୀ ଗୁଣ୍ଡା ସାଜିଥିବା ପୋଲିସ ବିରୁଦ୍ଧରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଅନ୍ୟ ପକ୍ଷରେ ଦକ୍ଷିଣାଞ୍ଚଳ ଆଇଜିଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଆଇପିଏସ ନୀତିଶ କୁମାର ମିଶ୍ରଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। କବିସୂର୍ଯ୍ୟନଗର ଥାନାର ଏସଆଇ ସମୀର କୁମାର ରାଉତ, କନେଷ୍ଟବଳ ସୁମନ କୁମାର ସାହୁ ଙ୍କୁ ନିଲମ୍ବନ କରିଯାଇଛି। ହୋମ ଗାର୍ଡ ତଥା ଡ୍ରାଇଭର କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ସମସ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି। ବାଲିଛାଇ ଫାଣ୍ଡିର ଏଏସଆଇ ବୈକୁଣ୍ଠ ଜେନାଙ୍କୁ ନିଲମ୍ବନ କରାଯାଇଛି ।ଏହା ସହ କବିସୂର୍ଯ୍ୟନଗର ଥାନା ଓ ବାଲି ଛାଇ ଫାଣ୍ଡିର ସମସ୍ତ ପୋଲିସଙ୍କୁ ବଦଳି କରାଯାଇଛି। ଡ଼ିଜିପି ୱାଇବି ଖୁରାନିୟା ଏହି ଥାର୍ଡ଼ ଡିଗ୍ରୀ ଘଟଣା ର ମାନବିକ ଅଧିକାର ସୁରକ୍ଷା ସେଲ ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ତଦନ୍ତ ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି।

## କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ପରଲୋକ

ମୁମ୍ବାଇ,୧।୬(ମହାଭରତ): ଭେଟେରାନ କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ରବିବାର ପରଲୋକ ଘଟିଛି। ୮୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି। ତାଙ୍କ ଦେହାନ୍ତର ଖବର ସଙ୍ଗୀତ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ବହୁ ପ୍ରଶଂସକ, ସେଲିବ୍ରିଟି ଏବଂ ରାଜନେତା ଏହି କିମ୍ବଦନ୍ତୀ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମରାଠୀ ଫିଲ୍ମରୁ କ୍ୟାରିଅର ଆରମ୍ଭ କରିଥିବା ସୁମନ ୮୫୦ରୁ ଅଧିକ ଫିଲ୍ମରେ କଣ୍ଠଦାନ କରିଛନ୍ତି। ସୁମନଙ୍କ ଚଳଚ୍ଚିତ୍ର ଜଗତର ଯାତ୍ରା 'ଶୁକ୍ରାଟୀ ଚାନ୍ଦନୀ' ଏବଂ 'ମଙ୍ଗୁ' (୧୯୫୪) ଭଳି ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା। ସେ 'ଶରାବି ଶରାବି ୟେ ସାୱନ୍ କା ମୌସମ୍', 'ଆଜକଲ୍ ତେରେ ମେରେ ପ୍ୟାର୍ କେ ଚର୍ଚ୍ଚା', 'ନା ନା କରତେ ପ୍ୟାର୍', 'ନା ତୁମ୍ ହମେ ଜାନୋ', 'ପର୍ବତୋଁ କେ ପେଡ୍‌ରୋନ୍ ପର' ଏବଂ 'ନିମ୍ବୋନିଚ୍ୟା ଝଡ଼ା ମାଗେ' ଭଳି ଅନେକ ଗୀତରେ କଣ୍ଠଦାନ କରିଥିଲେ। ମହମ୍ମଦ ରଫିଙ୍କ ସହିତ ତାଙ୍କର ସହଯୋଗ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥିଲା। ଓଡ଼ିଆ ଫିଲ୍ମରେ ବି ଛାପ ଛାଡ଼ିଯାଇଛନ୍ତି ସୁମନ। 'ଗପ ହେଲେ ବି ସତ', 'ଚିଲିକା ତୀରେ', 'ସମୟ'ରେ ସେ କଣ୍ଠଦାନ କରିଛନ୍ତି। ଲତା ମଙ୍ଗେସକରଙ୍କ ସ୍ୱର ସହ ତାଙ୍କ ସମାନତା ଥିବାରୁ 'ଅନ୍ୟ ଲତା' କୁହାଯାଉଥିଲା।

## ଓଡିଶାରେ ଜିଏସ୍‌ଟି ସଂଗ୍ରହ ୫% କମିଲା

ଭୁବନେଶ୍ୱର,୧।୬(ମହାଭରତ): ଚଳିତ ବର୍ଷ ମେ ମାସରେ ଓଡିଶାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୫ ପ୍ରତିଶତ ହ୍ରାସ ପାଇଛି । ଏହି ମାସରେ ରାଜ୍ୟରେ ୪୦୫୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା । ଏହା ୨୦୨୫ ମେରେ ହୋଇଥିବା ୪୨୬୪ କୋଟି ଟଙ୍କା ତୁଳନାରେ କମ୍ । ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ବାଦ ଦେଲେ ଅନ୍ୟ ସବୁ ରାଜ୍ୟରେ ଜିଏସ୍‌ଟି ଆଦାୟ ହ୍ରାସ ପାଇଥିବା କେନ୍ଦ୍ର ସରକାରଙ୍କ ତରଫରୁ ଜାରି କରାଯାଇଥିବା ତଥ୍ୟରୁ ଜଣାପଡିଛି ।ତେବେ ଦେଶରେ ମେ ମାସରେ ଜିଏସ୍‌ଟି ସଂଗ୍ରହ ୩.୧୨ ପ୍ରତିଶତ ବୃଦ୍ଧି ପାଇ ୧.୯୪ଲକ୍ଷ କୋଟି ଟଙ୍କା ହୋଇଛି। ଆମଦାନିରୁ ଟିକସ ସଂଗ୍ରହ ବଢିଥିବାରୁ ଏହି ମାସରେ ଏତେ ଅଧିକ ପରିମାଣର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୨୫ର ମେ ମାସରେ ୧.୮୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷର ମେ ମାସରେ ୪୭,୩୯୭ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି, ୪୫,୧୪୩ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ଓ ୫୧,୯୯୦ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୨୫ ମେରେ ହୋଇଥିବା ୪୨୬୪ କୋଟି ଟଙ୍କା ତୁଳନାରେ କମ୍। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ପୁରୀ ଏସପି ପ୍ରତୀୟ ସିଂଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ପୁରୀ ତାଜ ହୋଟେଲରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏହି ସମୟରେ ସମ୍ପୂର୍ଣ୍ଣ ପୁରୀ ସହରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ । ବ୍ରିକ୍ସ ସମ୍ମିଳନୀରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି ।

## ଓଡିଶାରେ ଶିଶୁ ସ୍ୱାସ୍ଥ୍ୟ ସ୍ଥିତି ଭଲ ନାହିଁ

ଭୁବନେଶ୍ୱର,୧।୬(ମହାଭରତ): ପାଞ୍ଚ ବର୍ଷରୁ କମ୍ ବୟସର ପ୍ରାୟ ଏକ ଚତୁର୍ଥାଂଶ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓଡିଶାରେ ଭଲ ନାହିଁ । ୨୦୨୬ ମଇ ମାସରେ ପ୍ରକାଶ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ରିପୋର୍ଟରୁ ଏହି ତଥ୍ୟ ଜଣାପଡିଛି । ତେବେ ପୂର୍ବ ସର୍ଭେ ରିପୋର୍ଟ ତୁଳନାରେ ଏଥର ସ୍ଥିତି ତୁଳନାତ୍ମକ ଭାବେ ଭଲ ରହିଛି ।

ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ରହୁଛି । ଏହି ରିପୋର୍ଟର ତଥ୍ୟ ମୁତାବକ ୫ବର୍ଷ ବୟସରୁ କମ୍ ଶିଶୁମାନଙ୍କ ଭିତରେ ଓଡିଶାରେ ଅନ୍ୟୁନ ୨୬.୮ ପ୍ରତିଶତଙ୍କ ବୟସ ତୁଳନାରେ ଉଚ୍ଚତା ଠିକ୍ ନାହିଁ । ଏମାନଙ୍କୁ 'ଷ୍ଟଣ୍ଟେଡ୍' ଶିଶୁ ବୋଲି କୁହାଯାଏ । ଓଡିଶାର ସହରାଞ୍ଚଳରେ ଏହି ଷ୍ଟଣ୍ଟେଡ୍ ଶିଶୁଙ୍କ ହାର ୧୮.୫ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ରହିଛି ୨୮ ପ୍ରତିଶତ । ମୋଟାମୋଟି ଭାବେ ଆମ ରାଜ୍ୟରେ ହାରାହାରି ପ୍ରତି ୧୦୦ଜଣ ଶିଶୁରେ ପାଖାପାଖି ୨୭ଜଣଙ୍କର ବୟସ ତୁଳନାରେ ଉଚ୍ଚତା କମ୍ ରହୁଛି ।

ସେହିଭଳି ଓଡିଶାରେ ଉଚ୍ଚତା ତୁଳନାରେ ଓଜନ ମଧ୍ୟ ୨୨.୧ ପ୍ରତିଶତ ଶିଶୁଙ୍କର କମ୍ ରହିଛି । ଏମାନଙ୍କୁ 'ୱେଷ୍ଟେଡ୍' ଶିଶୁ ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି । ଗ୍ରାମାଞ୍ଚଳରେ ୫ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ମଧ୍ୟରୁ ୨୨.୧ ପ୍ରତିଶତ ଓ ସହରାଞ୍ଚଳରେ ୨୨.୬ ପ୍ରତିଶତଙ୍କର ଓଜନ ଉଚ୍ଚତା ତୁଳନାରେ କମ୍ ରହୁଛି । ତେବେ ଏହି ବୟସର ୫.୮ ପ୍ରତିଶତ ଶିଶୁଙ୍କ ସ୍ୱାସ୍ଥ୍ୟ 'ସିଭିୟରଲି ୱେଷ୍ଟେଡ୍' ବୋଲି ଦର୍ଶାଯାଇଛି । ସହରାଞ୍ଚଳରେ ୫.୩ ଓ ଗ୍ରାମାଞ୍ଚଳରେ ୫.୯ ପ୍ରତିଶତ ଶିଶୁ ସିଭିୟରଲି ୱେଷ୍ଟେଡ୍ ପର୍ଯ୍ୟାୟରେ ରହୁଛନ୍ତି ।



ବୟସ ଅନୁପାତରେ ବି ୩୧.୬ ପ୍ରତିଶତ ଶିଶୁଙ୍କର ଓଜନ ଓଡିଶାରେ କମ୍ ରହିଛି । ଏମାନଙ୍କୁ ଭାରତ ସରକାରଙ୍କ ରିପୋର୍ଟରେ 'ଅଣ୍ଡର ୱେଟ୍' ଭାବେ ଦର୍ଶାଯାଇଛି । ଗ୍ରାମାଞ୍ଚଳରେ ୩୨.୯ ଓ ସହରାଞ୍ଚଳରେ ୨୨.୧ ପ୍ରତିଶତ ଶିଶୁଙ୍କର ବୟସ ତୁଳନାରେ ଓଜନ କମ୍ ରହୁଛି । ଅନ୍ୟପକ୍ଷରେ ୫ବର୍ଷରୁ କମ୍ ବୟସର ଶିଶୁଙ୍କ ଭିତରୁ ଓଡିଶାରେ ୨.୧ ପ୍ରତିଶତଙ୍କ ଓଜନ ବୟସ ତୁଳନାରେ ଅଧିକ ବା 'ଓଭର ୱେଟ୍' ରହୁଛି । ଗ୍ରାମାଞ୍ଚଳରେ ୧.୮ ଓ ସହରାଞ୍ଚଳରେ ୪.୪ ପ୍ରତିଶତ ଶିଶୁ ଆମ ରାଜ୍ୟରେ ଓଭର ୱେଟ୍ ଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଓଡିଶାରେ ୬ରୁ ୨୩ ମାସର ଶିଶୁଙ୍କ ଭିତରୁ ମାତ୍ର ୧୪.୯ ପ୍ରତିଶତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ପାଉଛନ୍ତି । ୬୬.୭ ପ୍ରତିଶତ ଶିଶୁ ଏଠାରେ ମା'କ୍ଷୀର ସହିତ ଅନ୍ୟ ଖାଦ୍ୟ ଗ୍ରହଣ କରୁଛନ୍ତି । ସେହିପରି ପ୍ରାୟ ୬୦.୯ ପ୍ରତିଶତ ଶିଶୁ ଜନ୍ମ ହେବାର ଘଣ୍ଟାକ ଭିତରେ ମା'କ୍ଷୀର ଖାଇଥିବା ଏଥିରେ ଦର୍ଶାଯାଇଛି । ମୋଟାମୋଟି ଭାବେ ୬ମାସରୁ କମ୍ ବୟସର ପ୍ରାୟ ୯୫ ପ୍ରତିଶତ ଶିଶୁ ଓଡିଶାରେ ମା'କ୍ଷୀର ଉପରେ ନିର୍ଭରଶୀଳ । ୯୦ ପ୍ରତିଶତରୁ ଅଧିକ ଶିଶୁ ଜନ୍ମର ୨୪ମାସ ମଧ୍ୟରେ ପୋଲିଓ, ବିସିଜି ଭଳି ବିଭିନ୍ନ କିସମର ପ୍ରତିଷେଧକ ଟୀକା ନେଉଛନ୍ତି ।ସେହିପରି ଡାକ୍ତରଖାନାରେ ପାଖାପାଖି ୯୪ ପ୍ରତିଶତ ସନ୍ତାନ ପ୍ରସବ କରାଯାଉଛି । ଜନ୍ମ ହେଉଥିବା ଶିଶୁଙ୍କ ମଧ୍ୟରୁ ୨୯.୪ ପ୍ରତିଶତ ଅସ୍ତ୍ରୋପଚାର ମାଧ୍ୟମରେ ଦୁନିଆ ଦେଖୁଛନ୍ତି । ସେହିଭଳି ଗର୍ଭବତୀ ମହିଳାଙ୍କ ଭିତରୁ ଅଧିକାଂଶଙ୍କୁ ଆଇରନ୍ ଫୋଲିକ୍ ଏସିଡ୍, ଟିଟାନସ୍ ଇଞ୍ଜେକ୍ସନ୍ ଆଦି ଠିକଣା ସମୟରେ ନେଉଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ଓଡିଶାର ୧୫ରୁ ୪୯ ବର୍ଷ ବୟସ୍କ ଲୋକଙ୍କ ଭିତରୁ ୪୩.୯ ପ୍ରତିଶତ ମହିଳା ଓ ୪୯.୧ ପ୍ରତିଶତ ପୁରୁଷ ବିଦ୍ୟାଳୟରେ ୧୦ବର୍ଷ କିମ୍ବା ତଦୁର୍ଦ୍ଧ ସମୟ ପାଠ ପଢ଼ୁଥିବା ଏଥିରେ ଦର୍ଶାଯାଇଛି ।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।



### ଖବର

## ବରିଷ୍ଠ ଗାୟିକା ସୁମନ କଲ୍ୟାଣପୁରଙ୍କ ପରଲୋକ



ଭାରତର ପ୍ରସିଦ୍ଧ ଏବଂ କିମ୍ବଦନ୍ତୀ ଗାୟିକା ସୁମନ କଲ୍ୟାଣପୁରଙ୍କ ପରଲୋକ । ରବିବାର ସନ୍ଧ୍ୟାରେ ୮୯ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ମୃତ୍ୟୁ ଖବର ଦେଶ ଏବଂ ସଙ୍ଗୀତ ଜଗତକୁ ସ୍ତବ୍ଧ କରିଦେଇଛି । ବଲିଉଡରୁ ରାଜନୀତି ପର୍ଯ୍ୟନ୍ତ, ପ୍ରମୁଖ ବ୍ୟକ୍ତିମାନେ ଶୋକ ପ୍ରକାଶ କରୁଛନ୍ତି ।ମରାଠୀ ଫିଲ୍ମରୁ କ୍ୟାରିଆର ଆରମ୍ଭ କରିଥିଲେ ସୁମନ କଲ୍ୟାଣପୁର । ୮୫୦ ରୁ ଅଧିକ ଗୀତରେ କଣ୍ଠଦାନ କରିଥିଲେ । ଆଜ୍ କଲ୍ ତେରେ ମେରେ ପ୍ୟାର୍ କେ ଚର୍ଚ୍ଚା, ନା ନା, କରତେ ପ୍ୟାର୍ ପରି ଅନେକ ହିଟ୍ ଗୀତରେ ସ୍ୱର ଦେଇଥିଲେ। ସୁମନ କଲ୍ୟାଣପୁରଙ୍କର ବୟସ ସମ୍ବନ୍ଧୀୟ ଜଟିଳତା କାରଣରୁ ରବିବାର ସନ୍ଧ୍ୟାରେ ତାଙ୍କ ଘରେ ମୃତ୍ୟୁ ଘଟିଥିବା ଜଣେ ଘନିଷ୍ଠ ବନ୍ଧୁ କହିଛନ୍ତି । ସୁମନ କଲ୍ୟାଣପୁରୀଙ୍କ ଜନ୍ମ ୨୮ ଜାନୁଆରୀ ୧୯୩୭ ମସିହାରେ ଭାରତର ଭବାନୀପୁରରେ ହୋଇଥିଲା । ତାଙ୍କ କ୍ୟାରିଅର ସମୟରେ, ସୁମନ କଲ୍ୟାଣପୁରୀ ୮୦୦ ରୁ ଅଧିକ ଚଳଚ୍ଚିତ୍ର ଗୀତ ଗାଇଥିଲେ ।ସୁମନ ହିନ୍ଦୀ, ମରାଠୀ, ଆସାମୀ, ଗୁଜୁରାଟୀ, କନ୍ନଡ, ମୈଥିଳୀ, ଭୋଜପୁରୀ, ରାଜସ୍ଥାନୀ, ବଙ୍ଗାଳୀ, ଓଡ଼ିଆ ଏବଂ ପଞ୍ଜାବୀ ସମେତ ଅନ୍ୟାନ୍ୟ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରେକର୍ଡ କରିଥିଲେ । ସଙ୍ଗୀତ ଜଗତରେ ତାଙ୍କର ଅବଦାନ ଦେଶର ସର୍ବୋଚ୍ଚ ସମ୍ମାନର ଯୋଗ୍ୟ । ତାଙ୍କୁ ପଦ୍ମଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା । ୧୯୭୪ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ରେଶମ୍ କି ଡୋରି ର ତାଙ୍କ ଗୀତ ବହନା ନେ ଭାଇ କି କଲାଇ- ବହୁତ ଲୋକପ୍ରିୟ ହୋଇଥିଲା, ଯାହା ପାଇଁ ସେ ୧୯୭୫ ମସିହାରେ ଫିଲ୍ମଫେୟାର ଶ୍ରେଷ୍ଠ ମହିଳା ପ୍ଲେବ୍ୟାକ୍ ଗାୟିକା- ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।

## ପାରଦ ଲକ୍ଷ୍ମୀ ମୂର୍ତ୍ତି



ମାତା ଲକ୍ଷ୍ମୀଙ୍କୁ ସୁଖ ଏବଂ ଐଶ୍ୱର୍ଯ୍ୟର ଦେବୀ କୁହାଯାଇଥାଏ । ଲକ୍ଷ୍ମୀ ଉପାସନା ଦ୍ୱାରା ଭକ୍ତର ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ବିଶେଷ କରି ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ଉପାସନା ଦ୍ୱାରା ଅପାର ଖୁସି ପ୍ରାପ୍ତି ହୋଇଥାଏ । ବ୍ୟବସାୟରେ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ଜୀବନରେ କୌଣସି ସମୟରେ ଆର୍ଥିକ ସମସ୍ୟା ଦେଖାଦେଲେ ଶୁକ୍ରବାର ଦିନ ପାରଦରେ ନିର୍ମିତ ବିଷ୍ଣୁପତ୍ନୀ ଦେବୀ ଲକ୍ଷ୍ମୀଙ୍କ ଉପାସନା କରାଯାଇପାରିବ । ଘରେ ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ସ୍ଥାପନ କରି ପୂଜା କରିବା ସହ ଏକ ବିଶେଷ ମନ୍ତ୍ର ଉଚ୍ଚାରଣ କଲେ ସମସ୍ତ ପ୍ରକାରର ସମସ୍ୟା ଦୂର ହୋଇପାରିବ । ଏହି ପୂଜା ପାଇଁ ନିମ୍ନୋକ୍ତ ଉପାୟ ଅବଲମ୍ବନ କରିବା ଆବଶ୍ୟକ । ସନ୍ଧ୍ୟାରେ ସ୍ନାନ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ପାରଦ ପ୍ରତିମାରେ ଲାଲ ଚନ୍ଦନ, ଅକ୍ଷତ, ଲାଲ ବସ୍ତ୍ର ଏବଂ କ୍ଷୀରରେ ପ୍ରସ୍ତୁତ ଭୋଗ ଅର୍ପଣ କରିବା ଉଚିତ। ବିଶେଷକରି ୧୦୮ଟି ଲାଲ୍ ରଙ୍ଗର ଫୁଲ ଚଢ଼ାଇ 'ଓଁ ଶ୍ରୀ ବିଘ୍ନହରାୟ ପାରଦେଶ୍ୱରୀ ମହାଲକ୍ଷ୍ମୈ ନମଃ' ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ସୁଖ-ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

## ଜୀମୂତବାହନ ମିତ୍ରାବସୁ



ହାଧନ ବିଦ୍ୟାଧରଙ୍କ କନ୍ୟାକୁ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଳିନ୍ଦକଙ୍କର ବନ୍ଧୁ ପ୍ରୀତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା। ମହାଧନଙ୍କ ଅନୁରୋଧ କ୍ରମେ ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଳିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହରୀଣି ପତ୍ନୀ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମେନୋବତୀ ଥିଲା । ସେହି ମେନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତ। । ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତ। । ଶେଷରେ ପୁଳିନ୍ଦକ ଆସି ଆଶ୍ୱସ୍ତ କରାଇଲେ । ଏହାପରେ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି। । ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ଓ ମେନୋବତୀଙ୍କୁ ପତ୍ନୀ ରୂପରେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ। ସେହି ଗୌରିପତିଙ୍କ ସ୍ମରଣ କରି ଗିରିଶିଖରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ। କଳ୍ପବୃକ୍ଷଙ୍କ ଦୟାରୁ ରାଜକୂଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି। ।ତୁମେ ସେହି ମିତ୍ର ପୁଳିନ୍ଦକ ଓ ତୁମ ଭଗିନୀ ମଳୟବତୀ ହେଉଛନ୍ତି ମେନୋବତୀ। ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା-ମାତାଙ୍କୁ ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମ୍ଭର ଅଭିଷ୍ଟ ପୂରଣ ହେବ। ଜୀମୂତବାହାନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା-ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ ତା'ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗିନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡ଼ିଲେ ।

## ଯୁଧିଷ୍ଠିରଙ୍କ ଜୀବନ ଭିକ୍ଷା



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମକ ଆସିଥାଏ ।

# ସମ୍‌ରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ସମ୍ମିଳନୀ



ଭୁବନେଶ୍ୱର, ୧।୬ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଓ ଗବେଷଣା କ୍ଷେତ୍ରରେ ପ୍ରମୁଖ କେନ୍ଦ୍ର ପାଲଟିଛି। ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗରେ ନିଆଯାଇଥିବା ଆଧୁନିକ ବ୍ୟବସ୍ଥାର ପଦକ୍ଷେପ ରକ୍ତ ସୁରକ୍ଷା ମାନଦଣ୍ଡରେ ଉଲ୍ଲେଖନୀୟ ସୁଧାର ଆଣିଛି ବୋଲି ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲଠାରେ ଆଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍‌ର ଗୁରୁତ୍ୱକୁ ନେଇ 'ଇଣ୍ଡିଆନ୍ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଆଣ୍ଡ ଇମ୍ୟୁନୋହେମାଟୋଲୋଜି'(ଆଇଏସ୍‌ବିଟିଆଇ) ଓଡିଶା ରାଜ୍ୟ ଶାଖା ପକ୍ଷରୁ ଦୁଇ ଦିନିଆ ସମ୍ମିଳନୀକୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଉଦ୍‌ଘାଟନ କରି କହିଥିଲେ ସମ୍‌ର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗ ଓଡିଶାରେ ନୂତନ ମାଇଲ ଖୁଂଟ ସ୍ଥାପନ କରିଛି। ଆଇଏସ୍‌ବିଟିଆଇ ରାଜ୍ୟ ଶାଖା ସହଯୋଗରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଶୀର୍ଷକ କର୍ମଶାଳାରେ ସମ୍ ହସ୍ପିଟାଲର ପୋଷ୍ଟ ଗ୍ରାଜୁଏଟ୍ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ଭୁବନେଶ୍ୱର କ୍ୟାମ୍ପସ୍-୧, ଫୁଲନଖରା କ୍ୟାମ୍ପସ-୨ ସମେତ ସମ୍ ଅଲ୍ଟିମେଟ୍ ମେଡିକେୟାର ସାମିଲ ହୋଇଥିଲା। ଆଇଏସ୍‌ବିଟିଆଇର ନ୍ୟାସ୍‌ନାଲ୍ ପ୍ରେସିଡେଂଟ ଡାକ୍ତର ଯୁଧବୀର ସିଂ କହିଥିଲେ ଯେ ଏହି ସଂସ୍ଥାର ଲକ୍ଷ୍ୟ ହେଉଛି ରୋଗୀଙ୍କ ପାଇଁ ୧୦୦% ରକ୍ତର ଉପଲବ୍ଧତା ସୁନିଶ୍ଚିତ କରାଇବା। ସେ କହିଥିଲେ ଯେ ୧୯୭୧ର ଭାରତ- ପ୍ରାକ୍ ଯୁଦ୍ଧରେ ଆହତ ସୈନିକ ମାନଙ୍କର ରକ୍ତ ଆବଶ୍ୟକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୧୯୭୨ରେ ଆଇଏସ୍‌ବିଟିଆଇ ସ୍ଥାପନ କରାଯାଇଥିଲା।

ରକ୍ତ ଯୋଗାଇବା କ୍ଷେତ୍ରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସମଗ୍ର ଓଡିଶାରେ ଉଲ୍ଲେଖନୀୟ ପଦକ୍ଷେପ ନେଇ ନେତୃତ୍ୱ ପ୍ରଦାନ କରିବା ଦରକାର ବୋଲି ସେ କହିଥିଲେ। ଆଇଏସ୍‌ବିଟିଆଇ (ମୋଟିଭେସନାଲ) ଭାଇସ୍ ପ୍ରେସିଡେଂଟ ଡାକ୍ତର ଟି.ଆର. ରୈନା କହିଥିଲେ ଯେ ସାରା ଦେଶରେ ସ୍ୱେଚ୍ଛାକୃତ ରକ୍ତଦାନ ନିଶ୍ଚିତ କରିବା ହେଉଛି ଆଇଏସ୍‌ବିଟିଆଇର ମୂଳମନ୍ତ୍ର। ଆଇଏସ୍‌ବିଟିଆଇ ସାଧାରଣ ସମ୍ପାଦିକା ଡାକ୍ତର ସଙ୍ଗୀତା ପାଠକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ(ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ)ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏଠାରେ ଏପର୍ଯ୍ୟନ୍ତ ୩ଟି ସିଏଆର-ଟି ପ୍ରକ୍ରିୟା ସହିତ ୧୦୦ରୁ ଅଧିକ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟେସନ୍ କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର)ଗିରିଜା ନନ୍ଦିନୀ କାନୁନ୍‌ଗୋ କହିଥିଲେ ଯେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଆଧୁନିକ ଚିକିତ୍ସା ପଦ୍ଧତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି।

# ଓଡ଼ିଆରେ ପଢ଼ା ହେବ +୨ ବିଜ୍ଞାନ

ଭୁବନେଶ୍ୱର, ୧।୬ (ମହାଭାରତ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତି କ୍ରମେ ଓଡ଼ିଶା ଅଧ୍ୟୟନ ଓ ଗବେଷଣା ସଂସ୍ଥାଦ୍ୱାରା ପ୍ରସ୍ତୁତ +୨ ବା ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପାଠ୍ୟପୁସ୍ତକ ଗବେଷଣା ସଂସ୍ଥାର ଗବେଷକ ଓ ବରିଷ୍ଠ ଅଧିକାରୀମାନେ ପ୍ରତି ଜିଲ୍ଲାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଓଡ଼ିଆ ଭାଷାରେ ବିଜ୍ଞାନ ଶିକ୍ଷାର ଉପାଦେୟତା ଓ ଆବଶ୍ୟକତା ସଂପର୍କରେ ତଥ୍ୟ ଓ ତ□ ଉପସ୍ଥାପନା କରିଥିଲେ । ବିଶେଷକରି ସମେତ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ୨୬ ତାରିଖଠାରୁ ସାମସ୍ ପୋର୍ଟାଲ୍‌ରେ ଆରମ୍ଭ ହୋଇଥିବା ନାମ ଲେଖା ଫର୍ମ ପୂରଣ ବେଳେ ଛାତ୍ରଛାତ୍ରୀଗଣ ବିଜ୍ଞାନ ବିଷୟକୁ ପ୍ରଥମ




ଛାତ୍ରଛାତ୍ରୀମାନଙ୍କଠାରେ ବିଜ୍ଞାନ ପଢ଼ିବା ପାଇଁ ଉତ୍ସାହ ସୃଷ୍ଟି କରିଛି । ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ସାତ ଶହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଠାଗାରକୁ ଓଡ଼ିଆରେ ରଚିତ ବିଜ୍ଞାନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହିତ ଅଧକ୍ଷ ଓ ବିଜ୍ଞାନ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଓଡ଼ିଆ ଅଧ୍ୟୟନ ଓ ଗ୍ରାମା□ଳର ମେଧାବୀ ଗରିବ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବା ସହିତ ସେମାନଙ୍କର ଡାକ୍ତର, ଇଂଜିନିୟର ହେବାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେମାନେ ଅନୁଭବ କରିପାରୁଛନ୍ତି । ଓଡ଼ିଆରେ +୨ ବିଜ୍ଞାନ ଶିକ୍ଷାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ ସଚିବ, ଅଧିକାରୀ ପସନ୍ଦ ଭାବରେ ଗ୍ରହଣ କରିବାକୁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡକ୍ଟର ସୁବ୍ରତ ପୃଷ୍ଟି ଆହ୍ୱାନ ଦେଇଛନ୍ତି। ଶିକ୍ଷାବିତ୍ ତଥା ସଂସ୍ଥା ଗବେଷଣା ବିଭାଗ ସଂଯୋଜକ ନୀରଦ ବରଣ ଖୁଂଟିଆ ଓଡ଼ିଆରେ ବିଜ୍ଞାନ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସଂସ୍ଥା ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।

# ଆଇଆଇଟି ଏବଂ ସିଏସଆର ଫୋରମ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୧।୬ (ମହାଭାରତ): ସମଗ୍ର ଓଡ଼ିଶାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍), ସ୍ଥାୟୀତ୍ୱ, ସାମାଜିକ ବିକାଶ ଏବଂ କ୍ଷମତା ବିକାଶ ପଦକ୍ଷେପ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ପାଇଁ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଭୁବନେଶ୍ୱର ଓଡ଼ିଶା ସିଏସ୍‌ଆର୍ ଫୋରମ୍ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି । ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ଓଡ଼ିଶା ସିଏସ୍‌ଆର୍ ଫୋରମର ସଂଯୋଜକ ଶ୍ରୀ ବ୍ରଜେନ୍ଦ୍ର କୁମାର ମିଶ୍ରଙ୍କ ମଧ୍ୟରେ ୨୫ ମଇ ୨୦୨୬ରେ ଏହି ବୁଝାମଣାପତ୍ର ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ କରାଯାଇଥିଲା। ଏହି ଅବସରରେ, ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ) ପ୍ରଫେସର ଦିନକର ପାସଲା; ଡିନ୍ (ପୂର୍ବ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ଓ ଡେପୁଟି ରେଜିଷ୍ଟ୍ରାର (ପୂର୍ବ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ଶ୍ରୀ ପ୍ରଦୀପ କୁମାର ସାହୁ ଏବଂ ଓଡ଼ିଶା ସିଏସ୍‌ଆର୍ ଫୋରମ ପକ୍ଷରୁ ଶ୍ରୀ ଟି.ସି. ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସହଭାଗୀତା ଆଇଆଇଟି ଭୁବନେଶ୍ୱରର ଶିକ୍ଷାଗତ ଏବଂ ଗବେଷଣା ଶକ୍ତି ସହିତ ଓଡ଼ିଶା ସିଏସଆର ଫୋରମର ଶିଳ୍ପ ଏବଂ ସିଏସଆର ବିଶେଷଜ୍ଞତାକୁ ମିଶ୍ରଣ କରି ସ୍ଥାୟୀ ବିକାଶ ଏବଂ ସାମାଜିକ ପ୍ରଭାବ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି।

ଏହି ସହଯୋଗର ଅଂଶ ସ୍ୱରୂପ, ଉଭୟ ସଂଗଠନ ମିଳିତ ଭାବରେ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା, ସେମିନାର, ସମ୍ମିଳନୀ, ସିଏସଆର କନକ୍ଲେଭ, ଅଂଶୀଦାରଙ୍କ ପରାମର୍ଶ ଏବଂ ସିଏସଆର ରଣନୀତି, ସ୍ଥାୟୀତ୍ୱ ରିପୋର୍ଟିଂ, ଇଏସଜି, ଦକ୍ଷତା ବିକାଶ ଏବଂ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ସହିତ ଜଡିତ ପରାମର୍ଶ କାର୍ଯ୍ୟ ସମ୍ପାଦନ କରିବେ। ଏହି ବୁଝାମଣାପତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଜୀବିକା, ଗ୍ରାମୀଣ ବିକାଶ, ନବୀକରଣୀୟ ଶକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ସମ୍ପ୍ରଦାୟ ବିକାଶ ଭଳି କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକର ମିଳିତ କାର୍ଯ୍ୟାନ୍ୱୟନ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଚୁକ୍ତିନାମା ସିଏସଆର ପଦକ୍ଷେପ ଏବଂ ଆଉଟରିଚ୍ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅଂଶଗ୍ରହଣ ମାଧ୍ୟମରେ ଛାତ୍ର ଏବଂ ଯୁବପିଢ଼ିଙ୍କ ସମ୍ପୃକ୍ତି ଉପରେ ଅଧିକ ଗୁରୁତ୍ୱାରୋପ କରିଛି, ଏବଂ ମେଧାବୀ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସ୍କଲାରସିପ୍ ଏବଂ ଫେଲୋସିପ୍ ମଧ୍ୟ ସମର୍ଥନ କରୁଛି।

# ନଗର ଉନ୍ନୟନ ବିଭାଗ ତରଫରୁ କ୍ୟାମ୍ପ କୋର୍ଟ

ଭୁବନେଶ୍ୱର, ୧।୬ (ମହାଭାରତ): ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢୀ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୨ ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ।

ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ।

କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

# ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୧।୬ (ମହାଭାରତ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିବସରେ ଯୋଗଦେବା ଅବସରରେ ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାବାନ ବିଦ୍ୟାର୍ଥୀ , ଶିକ୍ଷାବିତମାନ ଓ କାର୍ଯ୍ୟକର୍ତାଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି ରାଷ୍ଟ୍ର ଗଠନ, ଚରିତ୍ର ନିର୍ମାଣ ଓ ସଶକ୍ତ ନେତୃତ୍ୱ ପ୍ରଦାନ କ୍ଷେତ୍ରରେ ବିଦ୍ୟାର୍ଥୀ ପରିଷଦର ଉଦ୍ୟମ ସଦାସର୍ବଦା ଅତୁଳନୀୟ। ଏବିଭିପି 'ଛାତ୍ର ଶକ୍ତି ହିଁ ରାଷ୍ଟ୍ର ଶକ୍ତି' ନାରାକୁ ଆହ୍ୱାନ ଦେଇ ଦେଶକୁ କେବଳ ଛାତ୍ର ନେତୃତ୍ୱ ଦେଇ ନାହିଁ, ବରଂ ରାଷ୍ଟ୍ରହିତ ପାଇଁ ସମର୍ପିତ ଚରିତ୍ରବାନ ନାଗରିକ ମଧ୍ୟ ପ୍ରଦାନ କରିଛି ।

ଏହି ଅବସରରେ ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଫେସର ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡକ୍ଟର ବୀରେନ୍ଦ୍ର ସିଂହ ସୋଲାଙ୍କି , ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶିଷ ଚୌହାନ, ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, କ୍ଷେତ୍ରୀୟ ସହ ସଂଗଠନ ସମ୍ପାଦକ ତ୍ରୈଲୋଚନ ସାହୁଙ୍କ ସମେତ ଅନ୍ୟାନ୍ୟ ପ୍ରାନ୍ତୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ପ୍ରଦର୍ଶନୀରେ ଆମ ଓଡ଼ିଶାର ଗୌରବମୟ ଇତିହାସ, ସମୃଦ୍ଧ ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ଓ ଭାସ୍କର୍ଯ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା ।

ଏହାସହିତ, ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବର୍ଷସାରା ଦେଶବ୍ୟାପୀ କରାଯାଇଥିବା ବିଭିନ୍ନ ସୃଜନାତ୍ମକ କାର୍ଯ୍ୟ, ସେବା କାର୍ଯ୍ୟକଳାପ, ଛାତ୍ର ଆନ୍ଦୋଳନ ଏବଂ ବିଭିନ୍ନ ଆୟାମର କାର୍ଯ୍ୟାବଳୀକୁ ମଧ୍ୟ ସୁସଙ୍ଗତ ଭାବେ ଉପସ୍ଥାପିତ କରାଯାଇଥିଲା ଯାହାକି ବର୍ତ୍ତମାନର କାର୍ଯ୍ୟକର୍ତା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ମନ୍ତ୍ରୀ କହିଛନ୍ତି।

# ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧।୬ (ମହାଭାରତ): ରାଜ୍ୟରେ ଉଚ୍ଚ ମାନର କୋଠାବାଡ଼ି, ରାସ୍ତା ଓ ସେତୁ ସହ ଭିତିଭୂମି ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀର ବ୍ୟବହାର ଭିତିଭୂମିର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ । ଅନ୍ୟ ପକ୍ଷରେ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକଳ୍ପର ସ୍ୱଚ୍ଛତା ଓ ନିର୍ମାଣ ପ୍ରକ୍ରିୟାକୁ ତ୍ୱରିତ ଗତିରେ ଆଗକୁ ନେବା ସହ ସରକାରୀ ଅର୍ଥର ସଠିକ୍ ଉପଯୋଗକୁ ପ୍ରୋତ୍ସାହିତ କରିଥାଏ । ଏହାକୁ ଲକ୍ଷ୍ୟ ରଖି ଶନିବାର ଦିନ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନିର୍ମାଣ ବିଭାଗ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ରାଜ୍ୟ ଶ୍ରମ ଆୟୋଗ, ଓଡ଼ିଶା ବନ ଉନ୍ନୟନ କର୍ପୋରେସନ୍, ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍ ଆଦି ପକ୍ଷରୁ ଜାରି ବିଜ୍ଞପ୍ତି ଓ ମୂଲ୍ୟକୁ ତର୍ଜମା କରି ରାଜ୍ୟରେ ଯେଭଳି ସଠିକ୍ ଏବଂ ସର୍ବଶ୍ରେଷ୍ଠ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ସେଥି ନେଇ ଆଲୋଚନା ହୋଇଥିଲା। ଏଥିରେ ବାଲି, ଗୋଡ଼ି, ସିମେଂଟ, ଇଟା, ପିଚୁ ଠାରୁ ଆରମ୍ଭ କରି ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର ଏବଂ କୋଠାବାଡ଼ି, ରାସ୍ତା, ସେତୁ ଆଦିର ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏ ସମ୍ପର୍କିତ ପ୍ରକ୍ରିୟା ଅବଲମ୍ବନ ନେଇ ଆଲୋଚନା ହୋଇଥିଲା । ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୈଠକରେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ଡିଜାଇନ୍, ପ୍ଲାନିଂ ଓ କୋର୍ଡ଼ିନେସନ୍) ଇଂ ସମୀର ହୋତା, ଇଆଇସି ରୋଡ୍ସ ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ ଇଂ ଅରବିନ୍ଦ ତ୍ରିପାଠୀ, ଅର୍ଥ ପରାମର୍ଶଦାତା ଶ୍ରୀ ରତୀକାନ୍ତ ମହାପାତ୍ରଙ୍କ ସମେତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏବିଭିପିର ମହାରାଜା ଖାରବେଳ ପ୍ରଦର୍ଶନୀ

ଭୁବନେଶ୍ୱର, ୧।୬ (ମହାଭାରତ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନ୍ତର୍ଗତ କାର୍ଯ୍ୟକ୍ରମ ସ୍ଥଳର ଅଡିଟୋରିୟମର ଭୂତଳରେ ଆୟୋଜିତ "ମହାରାଜା ଖାରବେଳ ପ୍ରଦର୍ଶନୀ" ଓଡ଼ିଶାର ଗୌରବମୟ ଐତିହାସିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ଐତିହ୍ୟ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଧ୍ୟେୟ ଯାତ୍ରାର ଜୀବନ୍ତ ପରିଚୟ ପ୍ରଦାନ କରୁଛି। ଏହି ଭବ୍ୟ ପ୍ରଦର୍ଶନୀର ଉଦ୍ଘାଟନ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ, ଏବିଭିପି ରାଷ୍ଟ୍ରୀୟ ସଭାପତି ପ୍ରଫେସର ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କୀ ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ପ୍ରଦର୍ଶନୀରେ ଓଡ଼ିଶାର ସମୃଦ୍ଧ ଇତିହାସ, ଭଗବାନ ଜଗନ୍ନାଥଙ୍କ ଲୋକଆସ୍ଥା ଓ ସଂସ୍କୃତି, ପାରମ୍ପରିକ ପର୍ବପର୍ବାଣୀ, ଲୋକକଳା, ହସ୍ତଶିଳ୍ପ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସିଦ୍ଧ କୋଣାର୍କ ଚକ୍ର ମାଧ୍ୟମରେ ରାଜ୍ୟର ସ୍ଥାପତ୍ୟ ଓ ବୈଜ୍ଞାନିକ ଚେତନାକୁ ଆକର୍ଷଣୀୟ ଭାବେ ପ୍ରଦର୍ଶିତ କରାଯାଇଛି। ସେହିପରି, ଏବିଭିପି ଦ୍ୱାରା ବର୍ଷସାରା ଦେଶବ୍ୟାପୀ କରାଯାଇଥିବା ବିଭିନ୍ନ ସୃଜନାତ୍ମକ କାର୍ଯ୍ୟ, ସେବା କାର୍ଯ୍ୟକଳାପ, ଛାତ୍ର ଆନ୍ଦୋଳନ ଏବଂ ବିଭିନ୍ନ ଆୟାମର କାର୍ଯ୍ୟକଳାପକୁ ମଧ୍ୟ ସୁସଙ୍ଗତ ଭାବେ ଉପସ୍ଥାପିତ କରାଯାଇଥିଲା। ପ୍ରଦର୍ଶନୀର ପ୍ରବେଶ ଦ୍ୱାର ରେ ପ୍ରାଚୀନ ରତ୍ନାଗିରି ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟ ଶୈଳୀରୁ ପ୍ରେରିତ, ଯାହା ଓଡ଼ିଶାର ସମୃଦ୍ଧ ଶିକ୍ଷା ପରମ୍ପରା, ଲୋକ ପରମ୍ପରା ଓ ଜ୍ଞାନ ସାଧନାର ଐତିହାସିକ ଧାରାର ପ୍ରତୀକ ଅଟେ। ଉଲ୍ଲେଖନୀୟ ଯେ, ଏବିଭିପିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ୨୯ ରୁ ୩୧ ମେ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ, ଯେଉଁଥିରେ ଦେଶର ସମସ୍ତ ରାଜ୍ୟରୁ ୪୮୪ ଜଣ କାର୍ଯ୍ୟକର୍ତା। ପ୍ରତିନିଧି ଅଂଶଗ୍ରହଣ କରିବେ।

# ଅପାରଗ ପୋଲିସ ଯୋଗୁ ଥାନାକୁ ଯିବାକୁ ଡରିଲେଣି ଲୋକେ

ଭୁବନେଶ୍ୱର, ୧।୬ (ମହାଭାରତ): ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଚରମ ଅଧୋଗତି ହେଉଛି । ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ଅଞ୍ଚଳର ଜଣେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ କରିଛି ପୋଲିସ । ଫଳରେ ଉକ୍ତ ଯୁବକ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି । ପୋଲିସର ଏହି ଦାୟିତ୍ୱ ହୀନତାକୁ କଡା ଭାଷାରେ ନିନ୍ଦା କରିବା ସହ ସଂପୃକ୍ତ ଯୁବକଙ୍କୁ ନ୍ୟାୟ ଦିଆଯାଉ ବୋଲି ବିଜେଡି ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପସିତା ସାହୁ ପୋଲିସ ବ୍ୟବସ୍ଥାର ଅପରିଣାମଦର୍ଶୀ କାର୍ଯ୍ୟ ତଥା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଶ୍ରୀମତୀ ସୁଲତା ଦେଓ କହିଛନ୍ତି, ରାଜ୍ୟରେ ଯେବେଠାରୁ ବିଜେପି ସରକାର ଆସିଲାଣି ସେହିଦିନଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି ।




କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକ, ନିଜ ସ୍ତ୍ରୀ ନିଖୋଜ ହୋଇଛନ୍ତି ବୋଲି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାର ଦୁଇ ଦିନ ପରେ କାଠଯୋଡି ପଠାରୁ ଏକ ମହିଳାଙ୍କ ଗଳିତ ଶବ ମିଳିଥିଲା । ପୋଲିସ କିଛି ନବୁଝି ରାକେଶଙ୍କୁ ଡକାଇ ଥାର୍ଡ ଡିଗ୍ରୀ ଦେଇଛି । ଲଗାତାର ତିନି ଦିନ ଧରି ଥାର୍ଡ ଡିଗ୍ରୀ ଯୋଗୁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପର୍ଣ୍ଣ ରହିଛି । ଅନ୍ୟ ପଟେ ରାକେଶଙ୍କ ସ୍ତ୍ରୀ ଜୀବିତ ଥିବା ଜଣାପଡିଛି । ଗୋଟିଏ ପଟେ ନିଖୋଜ ମହିଳା ଜୀବିତ ଥିବା ଜଣାପଡିଥିଲା ବେଳେ ଅନ୍ୟପଟେ ଅପରିଚିତ ମହିଳାଙ୍କ ଗଳିତ ଶବ ସଠିକ ଚିହ୍ନଟ ନକରି ବିନା କାରଣରେ ରାକେଶକୁ ଥାର୍ଡ ଡିଗ୍ରୀ ଦେଇ ଲହୁଲୁହାଣ କରିଛି ପୋଲିସ । ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛି ଦଳ । ବିଜେପି ଭାବୁଛି ଯେ ତଦନ୍ତକାରୀ ସଂସ୍ଥା ଗୁଡିକ ତାଙ୍କ ଦଳୀୟ ସଂଗଠନର ଅଂଶବିଶେଷ । ତେଣୁ ବିଜେପି ନେତାମାନେ ତଦନ୍ତକାରୀ ସଂସ୍ଥା ଉପରେ ସଦାବେଳେ ଚାପ ପ୍ରୟୋଗ କରୁଛନ୍ତି ସେଥିପାଇଁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । କେବଳ ରାକେଶ ବେହେରା କଥା ନୁହେଁ, ସାରା ରାଜ୍ୟରେ ଏଭଳି ଅସଂଖ୍ୟ ଅଘଟଣ ଘଟିଲାଣି, ଏଥିପାଇଁ କେବଳ ଦାୟୀ ରାଜ୍ୟ ସରକାରଙ୍କ ଦିଶାହୀନ ଶାସନ ବ୍ୟବସ୍ଥା । ଏଠାରେ ପ୍ରଶ୍ନ ଉଠୁଛି ମିଳିଥିବା ଗଳିତ ଶବ କାହାର, କେଉଁ ଆଧାରରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଗଲା । ଓଡିଶା ଏବେ ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି । ଯଦି ଏଥିରେ ସୁଧାର ନଆସେ ଆଗାମୀ ଦିନରେ ବିଜେଡି ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବ ।

ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପସିତା ସାହୁ କହିଛନ୍ତି, ବାରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ସଠିକ ତଦନ୍ତ ନକରି କାହିଁକି ରାକେଶ ବେହେରାଙ୍କ ଉପରେ ଥାର୍ଡ ଡିଗ୍ରୀ କରିଥିଲା । ଏହାର ଉତ୍ତର ଦେଉ ଗୃହବିଭାଗ ।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ
ମଙ୍ଗଳବାର, ୨ ଜୁନ୍, ୨୦୨୬


# ତ୍ୱରିତ ବିଚାର

ଭାରତରେ ଜଣେ ଅଭିଯୁକ୍ତ ଯେ ପର୍ଯ୍ୟନ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇଛି ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯିବ। ଆଇନ ବ୍ୟବସ୍ଥାରେ ଥିବା ଏହି ଦୁର୍ବଳତା ବା ଗଳାବାଟର ସୁଯୋଗ ନେଇ ଅନେକ ଜଘନ୍ୟ ଅପରାଧୀ ଖସି ଯାଉଛନ୍ତି। କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ସେମାନେ ସବୁ ପ୍ରକାର ପ୍ରୟାସ କୀରୁଛନ୍ତି। ଅନେକ ସମୟରେ ନ୍ୟାୟିକ ପ୍ରକ୍ରିୟା ଏତେ ବିଳମ୍ବ ହେଉଛି ଯେ, ଏଥିରେ ନ୍ୟାୟର ମାନେ ଆଉ କିଛି ରହୁ ନାହିଁ। ଆଉ ଅନେକ ନିଜ ବୁଦ୍ଧିରେ କୋର୍ଟକୁ ବାଟବଣା କରିବାରେ ମଧ୍ୟ ସଫଳ ହେଉଛନ୍ତି। ନିକଟରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶଓ୍ୱନ୍ତ ବର୍ମା ଠିକ ଏହି ବାଟରେ ନିଜକୁ ରକ୍ଷା କରିବାର ଉପାୟ ବାଛି ନେଇଛନ୍ତି। ନିଜ ବୁଦ୍ଧି ବଳରେ ସେ ଆଇନକୁ ନିଜ ଇଚ୍ଛାରେ ପରିଚାଳିତ କରିବା ସହ ସୁପ୍ରିମକୋର୍ଟଙ୍କ ମଧ୍ୟ ବିଭ୍ରାନ୍ତ କରିଛନ୍ତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ସେଥିପାଇଁ ଅନେକ କହନ୍ତି ଭାରତରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି, ଏହା ବିଶ୍ୱର ସବୁଠାରୁ ଦୁର୍ବଳ ବିଚାର ବ୍ୟବସ୍ଥା। ଗତ ବର୍ଷ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ପୁଳା ପୁଳା ଅଧାପୋଡ଼ା ଟଙ୍କା ମିଳିଲା। ଏହା ସମ୍ପୂର୍ଣ୍ଣ ଭାବେ ହିସାବ ବହିର୍ଭୂତ ସମ୍ପତ୍ତି ଥିଲା। ଅଧାପୋଡ଼ା ଟଙ୍କା ଯେ କଳା ଟଙ୍କା ଥିଲା, ସେଥିରେ ସନ୍ଦେହ ନାହିଁ। ଏହି ପରିସ୍ଥିତିରେ ଜଷ୍ଟିସ ବର୍ମାଙ୍କୁ ଗିରଫ କରାଯିବା ପରିବର୍ତ୍ତେ ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଗଲା। ଏହା ଥିଲା ଚୋରକୁ ପୁରସ୍କାର ଭଳି। ଆଜିକୁ ବର୍ଷେ ହେବ ସେ ବିନା କାମରେ ଦରମା ନେଉଥିଲେ। ତାଙ୍କ ବିରୋଧରେ ତଦନ୍ତ କମିଟି ଗଠନ କରାଗଲା। ତଦନ୍ତ କମିଟି ଆଗରେ ଯେଉଁଦିନ ଜଷ୍ଟିସ ବର୍ମା ହାଜର ହେବା କଥା, ଠିକ ତା ପୂର୍ବଦିନ ସେ ତାଙ୍କ ପଦରୁ ଇସ୍ତଫା ଦେଲେ। ଏହା ଫଳରେ ତାଙ୍କ ବିରୋଧରେ ସଂସଦରେ ଆଗତ ମହାଭିଯୋଗ ଉପରେ ଆଲୋଚନା ହୋଇପାରିବନି। ତାଙ୍କୁ ସମସ୍ତ ପ୍ରକାର ଅବସରକାଳୀନ ସୁବିଧା ସୁଯୋଗ ମିଳିବ। ବାସ୍ତବରେ ଜଷ୍ଟିସ ବର୍ମାଙ୍କ ଇସ୍ତଫା ଗ୍ରହଣ ନକରି ତାଙ୍କୁ ଚାକିରୀରୁ ସସପେଣ୍ଡ କରିବାର ଥିଲା। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ଘରୁ ଯଦି ଏତେ ପରିମାଣର ହିସାବ ବହିର୍ଭୂତ ଟଙ୍କା ମିଳିଥାଆନ୍ତା ତେବେ କ'ଣ ତାଙ୍କୁ ଏପରି ଆରାମରେ ଜୀବନ କାଟିବାକୁ, ବିନା କାମରେ ଦରମା ନେବାକୁ ସୁଯୋଗ ଭ ମିଳିଥାଆନ୍ତା ? କେବେ ନୁହେଁ। ତେଣୁ ଭାରତରେ ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କହିବା ଭୁଲ। ଏହା ଏକ ଅବାସ୍ତବ ପରିକଳ୍ପନା ମାତ୍ର। ଏଠାରେ ସରକାରଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବର୍ଷେ ହେଲାଣି ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଉପରେ କାହିଁକି ଚର୍ଚ୍ଚା ହେଲା ନାହିଁ? ଏହାର ଜବାବ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେବା ଉଚିତ। ଜଷ୍ଟିସ ବର୍ମାଙ୍କ ବିରୋଧରେ ହେଯଉଁ ଗୁରୁତର ଅଭିଯୋଗ ରହିଛି ତାହାର ବିଚାର ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ। ତାଙ୍କ ଦୁର୍ନୀତି ଦ୍ୱାରା ଅନେକ ନିର୍ଦ୍ଦୋଷ ଦଣ୍ଡ ପାଇଥାଇପାରନ୍ତି, ଅନେକ ଦୋଷୀ ଖସି ଯାଇଥାଇପାରନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ଜଘନ୍ୟ। ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ତାଙ୍କୁ ଜଣେ ଦେଶଦ୍ରୋହୀ ଭାବେ ବିଚାର କରାଯିବା ଉଚିତ। ଏଥିଲାଗି ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ କରାଯିବା ଉଚିତ। ଯିଏ ଯେତେ ଅଧିକ କ୍ଷମତାଶାଳି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେତେ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଏହାର ତ୍ୱରିତ ବିଚାର ହେବା ଉଚିତ। ବିଚାର ବିଭାଗ, ପୋଲିସ ଏବଂ ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଯଦି ଦୁର୍ନୀତି ଅଭିଯୋଗ ଆସୁଛି, ତେବେ ଏହାର କିପରି ତ୍ୱରିତ ବିଚାର ହୋଇପାରିବ ତାହାର ବ୍ୟବସ୍ଥା ହେବା ଉଚିତ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

“ ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୨୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଚ୍ଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧ୍ୟକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧ୍ୟକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର

କଣିହାଁ, (ମହାଭାରତ) : ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅନୁଗୋଳ ଅବ୍ଦାଲ ଏମ୍ ଅଖତରଙ୍କ ଉପସ୍ଥିତିରେ ମୋଟ ୧୧୯ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ବ୍ୟକ୍ତିଗତ- ୮୮ ଟି ଓ ଗ୍ରାମ୍ୟ ଭିତ୍ତିକ - ୩୧ଟି । ଏହି ଶିବିର ସ୍ଥଳରେ ତୁରନ୍ତ ୧୩ଟି ଅଭିଯୋଗର ଫଏସଲା କରାଯାଇଥିଲା । ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଚାରି ଜଣଙ୍କୁ ଯଥା ବଜ୍ରକୋଟ ପଞ୍ଚାୟତର ଭକ୍ତବନ୍ଧୁ ଧିର ଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା,ଶଗଡ଼ି ପାଳର ଶାନ୍ତନୁ ମହାନ୍ତି କୁ ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା,ବଜ୍ରକୋଟ ପଞ୍ଚାୟତର ଯୋଗିନାଥ ପ୍ରଧାନଙ୍କୁ ୭,୫୦୦ ଟଙ୍କା ଚିକିତ୍ସା ନିମନ୍ତେ ଓ ବଜ୍ରକୋଟ ପଞ୍ଚାୟତର ଦୁଃଶାସନ ମହାନ୍ତି କିଡନୀ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ଲେଖାଏଁ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁଇ ଜଣଙ୍କୁ ଯଥା ପରାବିଲ ପଞ୍ଚାୟତ ର ହୃଦାନନ୍ଦ ବିଶ୍ୱାଳ କୁ କିଡନୀ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ଏବଂ ବିଜିଗୋଳ ପଞ୍ଚାୟତ ର ପ୍ରମିଳା ବେହେରା ଙ୍କୁ ଙ୍କୁ ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ର ଚେକ୍ ପ୍ରଦାନ କରାଯାଇଥିଲା । ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି , ପିଇବା ପାଣି, ଭତ୍ତା, ରାସନ, ଘର ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା । ଏଥିରେ ଉପସ୍ଥିତ ଥିଲେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଉଦୟ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ , ଉପଜିଲ୍ଲାପାଳ ତାଳଚେର ଆଶିଷ ରଞ୍ଜନ ସାହୁ, ଆଇଏସ ପ୍ରବୋସନର ଅଭି ଜୈନ,ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ପ୍ରଣବରଞ୍ଜନ ସାହୁ , କଣିହାଁ ଆଇ ଆଇ ସି ରମଣୀ ରଞ୍ଜନ ଦଳେଇ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବିଶୁଦ୍ଧ ବାହାରିଲା ଜଳ ନମୁନା

କଲ୍ୟାଣପୁର, (ମହାଭାରତ) : ତୁରନ୍ତ ସଫା ହେଲା ଟ୍ରିଟମେଣ୍ଟ ପ୍ଲାଣ୍ଟ ! କଲ୍ୟାଣପୁରରେ ଆର.ଡବ୍ଲୁ.ଏସ.ଏସର ତୁରନ୍ତ ପଦକ୍ଷେପ ପରେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପାନୀୟ ଜଳ ପ୍ରକଳ୍ପକୁ ନେଇ ଦେଖାଦେଇଥିବା ଅସନ୍ତୋଷ ପରେ ବିଭାଗୀୟ ସ୍ତରରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ଆର.ଡବ୍ଲୁ.ଏସ.ଏସ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।ସାଧାରଣରେ ଜଳର ମାନକୁ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଜଳର ନମୁନା ସଂଗ୍ରହ କରାଯାଇ ଲାବୋରେଟୋରୀ ପରୀକ୍ଷା କରାଯାଇଥିଲା । ପରୀକ୍ଷା ରିପୋର୍ଟ ଅନୁଯାୟୀ, ଉକ୍ତ ପ୍ରକଳ୍ପର ଜଳ ଗୁଣବତ୍ତା ସମ୍ପୂର୍ଣ୍ଣ ଉତ୍ତମ ବୋଲି ସ୍ପଷ୍ଟ ହୋଇଛି । ଜଳରେ କୌଣସି ପ୍ରକାରର ଦୂଷିତ ଉପାଦାନ ନଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।ଜଳର ଗୁଣବତ୍ତା ଠିକ୍ ଥିବା ସତ୍ତ୍ୱେ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର ସଫେଇ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦା କରିଥିବା ଅଭିଯୋଗକୁ ପ୍ରଶାସନ ସମ୍ବେଦନଶୀଳତାର ସହ ବିଚାରକୁ ନେଇଛି । ଲୋକଙ୍କ ମନରୁ ସନ୍ଦେହ ଦୂର କରିବା ଏବଂ ବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆର.ଡବ୍ଲୁ.ଏସ.ଏସ ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ପ୍ଲାଣ୍ଟର ସମ୍ପୂର୍ଣ୍ଣ ସଫେଇ କାର୍ଯ୍ୟ ସମ୍ପନ୍ନ କରାଯାଇଛି ।ଅଞ୍ଚଳବାସୀ ଯେପରି ପାନୀୟ ଜଳ ସଂକଟର ସମ୍ମୁଖୀନ ନହେବେ, ସେଥିପାଇଁ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ନଳକୂଅ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି । ଅଚଳ ହୋଇ ପଡ଼ିଥିବା ନଳକୂଅ ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯାଇଛି । ବିଭାଗର ଏହି ସ୍ୱଚ୍ଛ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି ।

## ବୈତରଣୀ ନଦୀର ସୁନାମୁନି ଜଙ୍ଗଲ ବିଚରେ ବୁଡି ଜଣେ ମୃତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ କେନ୍ଦୁଝର ସୀମାନ୍ତ ମନହରପୁର ପଞ୍ଚାୟତ ସାନପୁରୁନାପାଣି ନିକଟଦେଇ ବୋହି ଯାଉଥିବା ବୈତରଣୀ ନଦୀର ସନାମୁନି ଜଙ୍ଗଲ ବିଚ ରେ ବୁଡି ଜଣେ ମୃତବରଣ କରିଛନ୍ତି ।ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଗୋଟିଏ ଦିନପରେ ସୋମବାର ସକାଳେ ନଦୀ ଭିତରୁ ମୃତ ଦେହ କୁ ଉଦ୍ଧାର କରିଛନ୍ତି । ମୃତକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ନନ୍ଦିପଦା ଥାନା ଶାଳନିଆ ଗ୍ରାମର ପ୍ରଫୁଲ କୁମାର ଜେନାଙ୍କ ପୁଅ ଓମପ୍ରକାଶ ଜେନା (୨୧) ବୋଲି ଜଣା ପଡ଼ିଛି । ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲା ଢେଙ୍କିକୋଟରେ ଥିବା ସତନ୍ତ୍ର ଫାଇନାନ୍ସ କମ୍ପାନୀରେ ଓମ ପ୍ରକାଶ ଚାକିରୀ କରୁଥିଲେ । ରବିବାର ଦିନ ତାଙ୍କ କମ୍ପାନୀର ୧୦ ଜଣ ସାଙ୍ଗଙ୍କ ସହିତ ମିଶି ସନାମୁନି ଜଙ୍ଗଲ ବିଚ କୁ ଭୋଜି କରିବାକୁ ଆସିଥିଲେ । ରୋଷେଇ ସାରି ସମସ୍ତେ ଗାଧେଇବାକୁ ନଦୀକୁ ଯାଇଥିଲେ ଗାଧୁଆ ଥିବା ବେଳେ ନଦୀ ରେ ସେ ଭାସି ଯାଇ ଥିଲେ । ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଯାଇ ନଦୀ ଭିତରେ ଖୋଜି ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କୁ ଠାବ କରି ପାରିନଥିଲେ ।ପରେ ସୋମବାର ସକାଳୁ ଅଗ୍ନିଶମ ବିଭାଗ ଖଜି ତାଙ୍କ ଶବ କୁ ଗଭୀର ନଦୀର ପାଣି ଭିତରୁ ପାଇଥିଲେ । ଖବର ପାଇ ଆନନ୍ଦପୁର ଥାନା ଏଏସଆଇ ସୁଶୀଳା ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ । ଠାକୁରମୁଣ୍ଡା ଥାନା ଅଗ୍ନିଶମ ବିଭାଗ ର ଦୀପକ ଜେନା, ସୂର୍ଜାନନ୍ଦ ଟୁଡୁ ଘଟଣାସ୍ଥଳ ରେ ଉପସ୍ଥିତ ଥିଲେ ।

## ସଫେଇ କର୍ମଚାରୀଙ୍କ ଧାରଣା ୪ର୍ଥ ଦିବସରେ ପ୍ରତ୍ୟାହୃତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଡ଼ାକ୍ତରଖାନା ପରିସରରେ ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଚାଲିଥିବା ସଫେଇ କର୍ମଚାରୀ ଙ୍କ ଧାରଣା ୪ ର୍ଥ ଦିବସରେ ପ୍ରତ୍ୟାହୃତ ହୋଇଛି, ୨୯ ତାରିଖ ଠାରୁ ଦିନ ରାତି ସେଠାରେ ଧାରଣା ଚାଲିଥିଲା,ଫଳରେ ମେଡିକାଲ ପରିସରର ସଫେଇ ନ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା, ଛଟେଇ ସଫେଇ ସୁପର ଭାଇଜର ସନ୍ତୋଷ କୁମାର ନାୟକଙ୍କୁ ପୁନଃ ନିଯୁକ୍ତି କରିବା,ସଫେଇ କର୍ମଚାରୀ ଙ୍କୁ ନିର୍ଦ୍ଦିଷ୍ଟ ତାରିଖରେ ଦରମା ଦେବା,ଇ ପି ଏଫ ଭରିବା, ଡ୍ରେସ୍ ସହ ପରିଚୟପତ୍ର ପ୍ରଦାନ କରିବା ପ୍ରଭୃତି ୭ ଦଫା ଦାବିକୁ ଏହି ଧାରଣା ସେଠାରେ ଚାଲିଥିଲା, ପ୍ରଚଣ୍ଡ ଖରାରେ ସେମାନେ ସେଠାରେ ଧାରଣା ଦେଉଥିଲେ,ଧାରଣାର ୪ ର୍ଥ ଦିବସରେ ସୋମବାର ଧାରଣା ସ୍ଥଳରେ ମେଡିକାଲ ସୁପରିଟେଣ୍ଡ ତଥା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ ,ବି ପି ଏମ ତୁଷାର ରଂଜନ ସାହୁ ,ବି ଏ ଏମ ସୁଧାଂଶୁ ଶେଖର ପଣ୍ଡା, କନ୍ଧମାଳ ସାଂସଦ ପ୍ରତିନିଧି ସୌମ୍ୟରଞ୍ଜନ ରଥ,ପ୍ରେସ କ୍ଲବ୍ ସଭାପତି ସୁରେଶ ବେହେରା, ଭାରତୀୟ ମଜଦୁର ସଂଘ ର ଜିଲା କାର୍ଯ୍ୟ କାରୀ ସଭାପତି ବନମାଳୀ ମିଶ୍ର, ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି ପ୍ରମୁଖ ଉପସ୍ଥିତି ରେ କର୍ମଚାରୀ ଙ୍କ ଦାବିଗୁଡ଼ିକୁ ଉପରେ ଆଲୋଚନା କରାଯାଇଥିଲା,ଦାବି ଗୁଡିକ ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ଏବଂ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷ ଧାରଣା କାରୀଙ୍କୁ ଧାରଣା ରୁ ଉଠାଇଥିଲେ,ଧାରଣାକାରୀ ସଫେଇ କର୍ମଚାରୀ ମାନେ ଧାରଣାରୁ ଉଠିଥିଲେ, ଏବଂ ସେହିଦିନ ସଫେଇ କାର୍ଯ୍ୟ ରେ ଯୋଗଦାନ କରି ମେଡିକାଲ ପରିସରକୁ ସଫେଇ କରିଥିଲେ, ଭାରତୀୟ ମଜଦୁର ସଂଘ ନୟାଗଡ଼ ଜିଲା ତରଫରୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# "ଜଳ ଜୀବନ ମିଶନ" ଫେଲ୍ ବୁନ୍ଦାଏ ପାଣି ପାଇଁ ଡହଳ ବିକଳ

ବାରଙ୍ଗ, (ମହାଭାରତ) : କେନ୍ଦ୍ର ସରକାରଙ୍କ 'ହର ଘର ଜଳ' ତଥା ଜଳ ଜୀବନ ମିଶନ ୨.୦ ଯୋଜନା କେବଳ ପୋଷ୍ଟର ଓ ପ୍ରଚାରରେ ସୀମିତ କି ? ଏଭଳି ଏକ ସଂଗୀନ ପ୍ରଶ୍ନ ଏବେ ସ୍ଥାନୀୟ ପ୍ରଶାସନର ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଳ ଜୀବନ ମିଶନ ଏହି ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ରହୁଥିବା ପ୍ରତିଟି ପରିବାରକୁ ପାଇପ୍ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇଦେବା । ଏହାଦ୍ୱାରା ଲୋକମାନଙ୍କୁ ବିଶୁଦ୍ଧ ପାଣି ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ କିନ୍ତୁ ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ବାଲିସାହି ଗ୍ରାମରେ ୧୫ ପରିବାରଙ୍କ ନିକଟରେ ଦେଖାଦେଇଥିବା ଉତ୍କଟ ଜଳ ସମସ୍ୟା ପ୍ରଶାସନର ଚରମ ଅବହେଳାକୁ ଜଳ ଜୀବନ ମିଶନ ଯୋଜନାର ପଦାରେ ପକାଇ ଦେଇଛି । ଗ୍ରାମର କିଛି ପରିବାର ଦୀର୍ଘ ମାସ ହେବ ଟୋପେ ପାଣି ପାଇଁ ଡହଳ ବିକଳ ହେଉଥିଲେ ମଧ୍ୟ ବାରଙ୍ଗ ବ୍ଲକ ଓ କୁରାଙ୍ଗ ପ୍ରଧାନ ପଞ୍ଚାୟତ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଓ ଲୋକେ ବାରମ୍ବାର ମୌଖିକ ଅଭିଯୋଗ କଲା ପରେ ମଧ୍ୟ ପଞ୍ଚାୟତ ଅଧିକାରୀ ଓ ପଞ୍ଚାୟତରେ ନିଯୁକ୍ତ ଥିବା ପମ୍ପ ଡ୍ରାଇଭର କୌଣସି କଥାକୁ ଭ୍ରୂକ୍ଷେପ କରୁ ନଥିବା ଏଠାରେ ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରୁଛି । ସରକାରୀ ନିୟମ ଅନୁଯାୟୀ ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାଇପ୍ ଲାଇନ ବିଛାଗଲା ଏବଂ ଟ୍ୟାପ୍ ମଧ୍ୟ ଲାଗିଲା । କିନ୍ତୁ ବିଡ଼ମ୍ବନାର ବିଷୟ,ଦୀର୍ଘ ମାସ ହେଲାଣି ଏହି ଟ୍ୟାପ୍‌ରୁ ପର୍ଯ୍ୟାପ୍ତ ପରିମାଣର ପାଣି ଠିକ୍ ସେ ପାଣି ବୁନ୍ଦାଏ ପାଣି ମଧ୍ୟ ବାହାରୁ ନାହିଁ ଯାହାଦ୍ୱାରା ଏହି ପରିବାର ଗୁଡିକ ପାଣି ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯୋଜନାର ମହାମାୟା ଭିତରେ ବାଲିସାହି ଗ୍ରାମର ଏହି ପରିବାରଗୁଡ଼ିକ ଶୋଷିଲା ରହିଯାଇଛନ୍ତି । ଏହି ବିଷୟରେ ଆରଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ କରିବା ପରେ ତାଙ୍କ ଆଦେଶ କ୍ରମେ ସହକାରୀ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ସମସ୍ତ ଯାନ୍ତ୍ରିକ କାର୍ଯ୍ୟ ଠିକ୍ ଅଛି ବୋଲି ତଦନ୍ତ କରି କହିଥିଲେ ଓ ସହକାରୀ ଯନ୍ତ୍ରୀଙ୍କ କହିବା ଅନୁସାରେ ପଞ୍ଚାୟତରେ ନିଯୁକ୍ତି ପାଇଥିବା ପମ୍ପ ଡ୍ରାଇଭର ବାଲିସାହିରେ ହୋଇଥିବା ଓଭରହେଡ ଟାଙ୍କିକୁ କୁରାଙ୍ଗ ପ୍ରଧାନ ପଞ୍ଚାୟତ ପାଣି ଚଲେଇବା ପାଇଁ ଦାୟିତ୍ୱରେ ପମ୍ପ ଡ୍ରାଇଭର ପାଣି ଠିକ୍ ରେ ଟାଙ୍କି ପୂର୍ଣ୍ଣ ନ କରିବା ଯୋଗୁଁ ଏ ପରିସ୍ଥିତି ସୃଷ୍ଟି ବାରମ୍ବାର ହେଉଛି ବୋଲି କହିଥିଲେ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁଛନ୍ତି । ଏ ଅଭିଯୋଗ କୁରାଙ୍ଗ ପ୍ରଧାନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କୁ କହିବା ପରେ ମଧ୍ୟ କୌଣସି ସମାଧାନ ନ ହେବା ନେଇ ଜନ ଅସନ୍ତୋଷ ଦେଖା ଦେଇଛି । ଗ୍ରୀଷ୍ମ ପ୍ରବାହ ସମୟରେ ବି ଏହି ୧୫ ପରିବାର ପାଣି ପାଇଁ ଅନ୍ୟ ଦୂରସ୍ଥାନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଯଦି ୭ ରୁ ୮ ମାସ ପର୍ଯ୍ୟନ୍ତ ଗୋଟିଏ ସମସ୍ୟାର ସମାଧାନ ହୋଇପାରୁ ନାହିଁ,ତେବେ ଏହି ଯୋଜନା ଏବଂ ଏହା ପଛରେ ଥିବା ବ୍ଲକ ଅଧିକାରୀ,ପଞ୍ଚାୟତ ଅଧିକାରୀ, ଠିକାଦାର, ଓ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ହେବା ସ୍ୱାଭାବିକ । ପ୍ରତି ବର୍ଷ ଏହି ଅଞ୍ଚଳ ପାଇଁ ପଞ୍ଚାୟତ ଦ୍ୱାରା ନିୟୋଜିତ ପମ୍ପ ଡ୍ରାଇଭର ପାଇଁ ଧାର୍ଯ୍ୟ କରାଯାଇଥିବା ଅର୍ଥ ଓ ପ୍ରତି ମାସରେ ପମ୍ପ ଚାଲିବା ବାବଦରେ ଇଲେକ୍ଟ୍ରି ବିଲ୍ ପଞ୍ଚାୟତରୁ ଦିଆଯାଉଥିବା ବେଳେ ସମସ୍ତେ ପାଇପ୍ ଯୋଗେ ପାଣି ପାଉଥିବା ବେଳେ ଏହି ୧୫ ପରିବାର ପାଣି ନ ପାଇବା ଏଠି ପ୍ରଶ୍ନ ବାଚୀ ସୃଷ୍ଟି କରୁଛି । ଗ୍ରାମବାସୀଙ୍କ ମତରେ 'ଆମେ ଆଉ କେତେ ଦିନ ଚୁପ୍ ରହିବୁ ? ପ୍ରଶାସନ ଯଦି ଭାବୁଛି ଆମେ ଏମିତି ଅଭାବରେ ଦିନ କାଟିବୁ, ତେବେ ସେମାନେ ଭୁଲ୍ ଭାବୁଛନ୍ତି । ଯଦି ଆଗାମୀ କିଛି ଦିନ ମଧ୍ୟରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ବାଲିସାହିର ୧୫ ପରିବାର ରାଜପଥକୁ ଓହ୍ଲାଇବା ସହ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେବେ । ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ସ୍ଥାନୀୟ ପ୍ରଶାସନ ଓ ଜଳ ଯୋଗାଣ ବିଭାଗ । ଏହି ଗମ୍ଭୀର ମାମଲାରେ ଜିଲ୍ଲାପାଳ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ହସ୍ତକ୍ଷେପ କରି ନିଷ୍କ୍ରିୟ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କୁରାଙ୍ଗ ପ୍ରଧାନ ବାଲିସାହିର ୧୫ ପରିବାରଙ୍କୁ ତୁରନ୍ତ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି ।

## କନ୍ଦାଉଚି ବାର୍ଦ୍ଧକ୍ୟ ଭତ୍ତା !

ବାଲିପାଟଣା, (ମହାଭାରତ) : ସରକାରଙ୍କ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଯୋଜନା ଉପରେ ନିର୍ଭର କରୁଥିବା ହଜାର ହଜାର ହିତାଧିକାରୀ ଏବେ ଚିନ୍ତା ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି । ସାରା ରାଜ୍ୟରେ ଗତ ୩ମାସ ଧରି ମାସ ଧରି ଭତ୍ତା ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ଜମା ହୋଇନଥିବାରୁ ବୃଦ୍ଧ, ବୃଦ୍ଧା,ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟ ସ୍ଥାନ ଭଳି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିପାଟଣା ବ୍ଲକରେ ମଧ୍ୟ ବିକଳ ଚିତ୍ର ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ବ୍ଲକରେ ହିତାଧୀକାରୀ ଙ୍କ ମଧ୍ୟରେ ବୃଦ୍ଧବୃଦ୍ଧା ତ ଆଉକିଏ ବିଧବା ଏବଂ ଦିବ୍ୟାଙ୍ଗ ପ୍ରାୟ ୬ହଜାର ରୁ ଉର୍ଦ୍ଧ । ଅନେକଙ୍କ ପାଇଁ ଏହି ଭତ୍ତା ହିଁ ଜୀବନ ନିର୍ବାହର ଏକମାତ୍ର ଭରସା ହୋଇଥିବା ବେଳେ ତିନିମାସ ଧରି ଟଙ୍କା ନମିଳିବା ଘଟଣା ଅସନ୍ତୋଷର କାରଣ ପାଲଟିଛି ।ଭତ୍ତା ପାଇବା ଆଶାରେ ହିତାଧିକାରୀମାନେ ବାରମ୍ବାର ବ୍ୟାଙ୍କ ଶାଖା, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ଅଫିସକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସ୍ପଷ୍ଟ ଉତ୍ତର ମିଳୁନାହିଁ । କେତେକ ସ୍ଥାନରେ ବ୍ୟାଙ୍କ କର୍ମଚାରୀମାନେ ଟଙ୍କା ଆସିନଥିବା କହୁଥିବା ବେଳେ ବିଭାଗୀୟ ମନ୍ତ୍ରୀ କହିଛନ୍ତି ,ବ୍ୟାଙ୍କର ସଫ୍‌ଟୱେର ପାଇଁ ଏପରି ସମସ୍ୟା ହୋଇଛି । ଯାହା ଖୁବ୍ ଶୀଘ୍ର ସମାଧାନ ହୋଇଯିବ । ଏଭଳି ସ୍ଥିତିରେ ପମ୍ପାଲୋ ପଞ୍ଚାୟତ ର ହିତାଧୀକାରୀ ବେଣୁଧର ବାରିକ(୭୦) କହିଛନ୍ତି ଭତ୍ତା ନ ପାଇବାରୁ ସେ ନିଜର ଔଷଧ କିଣି ପାରୁନଥିବା କହିଛନ୍ତି । ସେହିପରି ତୁରିନ୍ତିରା ପଞ୍ଚାୟତ ର ପଦ୍ମିନୀ ଦାସ(୭୨) ମଧ୍ୟ ୩ମାସ ହେବ ଭତ୍ତା ଆସିନଥିବାରୁ ସେ ମଧ୍ୟ ନିଜର ଔଷଧ ଖାଇ ପାରୁନଥିବା କହିଛନ୍ତି । ସେଥିପରି ତୁରିନ୍ତିରା ପଞ୍ଚାୟତ ର ଗନ୍ଧର୍ବ ରଥ (୭୫)ଭତ୍ତା ଉପରେ ନିର୍ଭର ହେଇ ଚଳୁଥିଲେ ଟଙ୍କା ନ ପାଇବାରୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଏପରି ଅନେକ ବୃଦ୍ଧ ଓ ବୃଦ୍ଧା ନିଜର ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଖର୍ଚ୍ଚ ପାଇଁ ଏହି ଭତ୍ତା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ । ଭତ୍ତା ନଆସିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି । କେତେକ ହିତାଧିକାରୀ ଋଣ କରି ଘର ଚଳାଉଥିବା ବେଳେ ଆଉ କେତେକ ଔଷଧ କିଣିବାରେ ଅସମର୍ଥ ହୋଇପଡ଼ିଛନ୍ତି ।ସ୍ଥାନୀୟ ଅଞ୍ଚଳର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ ଭତ୍ତା ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତାର ଅଭାବ ରହିଛି । ତିନିମାସ ଧରି ଟଙ୍କା ନଆସିବା ସତ୍ତ୍ୱେ କୌଣସି ଅଧିକାରୀ ସେମାନଙ୍କୁ ଠିକ୍? ସୂଚନା ଦେଉନାହାନ୍ତି । ଏନେଇ ହିତାଧିକାରୀମାନଙ୍କ ମଧ୍ୟରେ କ୍ଷୋଭ ବୃଦ୍ଧି ପାଇଛି ।ଏହି ପରିସ୍ଥିତିରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବିଳମ୍ବର କାରଣ ସ୍ପଷ୍ଟ କରିବା ସହ ବକେୟା ଭତ୍ତା ଶୀଘ୍ର ପ୍ରଦାନ କରିବାକୁ ଦାବି ହେଉଛି । ବୃଦ୍ଧ ଓ ଅସହାୟ ଲୋକଙ୍କ ଜୀବନ ଜୀବିକା ସହ ଜଡ଼ିତ ଏହି ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି ।

## ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ବୋମା ମାଡ ଘଟଣାକୁ ବିଜେଡିର ଦୃଢ ନିନ୍ଦା



ପାରାଦୀପ, (ମହାଭାରତ) : ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରେ ଉପରେ ଶନିବାର ଦିନ ସଂନ୍ଧ୍ୟାରେ ବୋମା ମାଡ ଘଟଣାକୁ ଦୃଢ ନିନ୍ଦା କରିଛି ବିଜୁ ଜନତା ଦଳ । ରବିବାର ଦିନ ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ପୂର୍ବତନ ବିଧାୟକ ସମ୍ପତି ରାଉତରାୟ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ପୋଲିସ୍ ଏ ଦିଗରେ ଦୋଷୀମାନଙ୍କୁ ଧରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବୀ କରିଛନ୍ତି । ସାରା ରାଜ୍ୟରେ ଆଇନ୍ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେଲାଣି । ଏ ଅପରାଧ ପଛରେ ପରଜୀବୀଙ୍କ ହାତ ଥିବା ସେ ସ୍ପଷ୍ଟ ଭାବେ କହିଥିଲେ । ଏହି ପରଜୀବୀ ପାରାଦୀପରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ପୋଲିସ୍ ପ୍ରଶାସନ ଉପରେ ତାଙ୍କର ଓ ଦଳର ଭରସା ଅଛି, ପୋଲିସ୍ ନିଶ୍ଚିନ୍ତ ଭାବେ ଅପରାଧୀଙ୍କୁ ଧରିବ ବୋଲି ଶ୍ରୀ ରାଉତରାୟ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ନଗରପାଳ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି କୁମରବର ନାୟକ, ମହିଳା ବିଜେଡି ଉପ-ସଭାନେତ୍ରୀ ସବିତା ମହାପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା,ପୂର୍ବତନ ପାରିଷଦ ଶଙ୍କର ପ୍ରସାଦ ରାଉତରାୟ, ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ପୋତାନଇ ସମିତି ସଭ୍ୟ ସତ୍ୟବାନ ମୁଦୁଲି, ବିଚିତ୍ରାନନ୍ଦ ପ୍ରଧାନ, ପୁର୍ବତନ ବିଧାୟକଙ୍କ ପ୍ରତିନିଧି ରଶ୍ମିରଂଜନ ପରିଡା,ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଂଜନ ପରିଡାଙ୍କ ସମେତ ପାରାଦୀପ ପୌର ପାଳିକାର ପାରିଷଦଙ୍କ ସମେତ ଦଳୀୟ ନେତାମାନେ ଯୋଗ ଦେଇ ଏହି ଘଟଣାକୁ ଦୃଢ ଭାବେ ନିନ୍ଦା କରିଥିଲେ । ଅପରପକ୍ଷରେ ଏହି ଘଟଣା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ପହଂଚି ଘଟଣାର ଅନୁଧ୍ୟାନ କରି ଫେରିବା ପରେ ପାରାଦୀପ ପୋଲିସ୍ ୬ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣା ପଡିଛି ।

## ପାରାଦୀପ ବିଜେପି ଡାଇମଣ୍ଡର ବନ୍ଧୁମିଳନ



ପାରାଦୀପ, (ମହାଭାରତ) : ପାରାଦୀପ ର ପୁରାତନ ବିଜେପି କର୍ମୀ ଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଜେପି ଡାଇମଣ୍ଡ' ର ପ୍ରଥମ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମଧୁବନ ସ୍ଥିତ ମାଉସି ମା ମନ୍ଦିର ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମହିଳା ନେତ୍ରୀ ନିର୍ମଳା ଦିବେଦୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଜେପି ର ପୁରାତନ କର୍ମକର୍ତ୍ତା ତଥା କର୍ମୀ ଶଶାଙ୍କ ଆଚାର୍ଯ୍ୟ, ରାମ ଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ପରିଡା,ସନାତନ ନାୟକ, ସୁନାକାର ସେନାପତି,କୈଳାଶ ମଲ୍ଲିକ, ସୁବାଷ ବେଉରା, ବିଭୁ ପ୍ରସାଦ ନାୟକ, ହରେକୃଷ୍ଣ ମଲ୍ଲ, କୈଳାଶ ସ୍ୱାଇଁ, ଆଦିତ୍ୟ ରାଉତରାୟ, ଏନ. ସ୍ୱାଇଁ, ଅଶୋକ ଦାସ, ନବ ଜେନା, ନିତ୍ୟାନନ୍ଦ ଓଝା, ପରମାନନ୍ଦ ସେଠୀ, ମହେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଅତୀତରେ ଦଳ ରେ ନିଷ୍ଠାପର ଭାବେ କାର୍ଯ୍ୟ କରିଥିବା ଦଳ ପ୍ରେମୀ କର୍ମୀ ମାନେ ଦଳ ଆଜି ଏକ ଦ୍ରୁମରେ ପରିଣତ ହେବା ନେଇ ଆତ୍ମ ସନ୍ତୋଷ ପ୍ରକାଶ କରିଥିବା ବେଳେ ଅଞ୍ଚଳରେ ଥିବା ଅନ୍ୟ ବରିଷ୍ଠ କର୍ମୀ ମାନଙ୍କୁ ଏଥିରେ ସାମିଲ କରିବା ନେଇ ଆଲୋଚନା କରାଯାଇଥିଲା । ତେବେ ପ୍ରତି ମାସର ପ୍ରଥମ ରବିବାର ଦିନ ପୁରାତନ କର୍ମୀ ମାନଙ୍କୁ ନେଇ ନିୟମିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।

## କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ମଧ୍ୟ ବୁର୍ଜା ଗ୍ରାମରେ ପିଇବା ପାଣି ସମସ୍ୟା

ଲକ୍ଷ୍ମୀପୁର, (ମହାଭାରତ): ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ସରକାର ପକ୍ଷରୁ ଆରମ୍ଭ ହୋଇଥିବା ବସୁଧା ଯୋଜନା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବୁର୍ଜା ଗ୍ରାମରେ ପ୍ରାୟ ଅକାର୍ଯ୍ୟକାରୀ ହୋଇପଡ଼ିଥିବା ଅଭିଯୋଗ ଆସିଛି । ଯୋଜନା ପାଇଁ ବହୁ ଅର୍ଥ ବ୍ୟୟ ହୋଇଥିଲେ ସୁଦ୍ଧା ଗ୍ରାମବାସୀଙ୍କ ଘରକୁ ଏପର୍ଯ୍ୟନ୍ତ ପାଣି ପହଞ୍ଚୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ସୂଚନା ଅନୁସାରେ, ପ୍ରାୟ ଦୁଇ ବର୍ଷ ପୂର୍ବରୁ ଗ୍ରାମରେ ବସୁଧା ଯୋଜନାର କାମ ସମାପ୍ତ ହୋଇଥିଲା ଏବଂ ଘରେ ଘରେ ପାଇପ ସଂଯୋଗ ମଧ୍ୟ ଦିଆଯାଇଥିଲା । କିନ୍ତୁ ଏହି ସଂଯୋଗ ମାଧ୍ୟମରେ ଆଜି ପର୍ଯ୍ୟନ୍ତ ପାଣି ଯୋଗାଣ ଆରମ୍ଭ ହୋଇନାହିଁ । ଫଳରେ ଯୋଜନାଟି କେବଳ କାଗଜକଲମରେ ସୀମିତ ରହିଯାଇଥିବା ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ପାଣି ସମସ୍ୟାର ସମାଧାନ ଦାବି କରି ଗ୍ରାମବାସୀମାନେ ଲକ୍ଷ୍ମୀପୁର ଠାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉଠାଇଥିଲେ । ସେତେବେଳେ ଦୁଇ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନ ମିଳିଥିଲା । ହେଲେ ଚାରି ମାସ ଅତିକ୍ରମ ହୋଇଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିନାହିଁ । ଏହାକୁ ନେଇ ପ୍ରଶାସନର କାର୍ଯ୍ୟପ୍ରଣାଳୀ ପ୍ରତି ଗ୍ରାମବାସୀ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏନେଇ ଯୋଜନାର ଠିକାଦାର ଶଙ୍କର ବିଶୋଇଙ୍କୁ ପଚାରାଯାଇଥିବାବେଳେ, ବିଲ୍ ପ୍ରଦାନ ହୋଇନଥିବାରୁ କାମ ବନ୍ଦ ରହିଥିବା ସେ କହିଛନ୍ତି । ଅନ୍ୟପଟେ ସମ୍ପୃକ୍ତ ଜେଇ ପ୍ରଦୀପ କୁମାର ସିଂହ କହିଛନ୍ତି ଯେ, ବିଷୟଟିକୁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ନଜରକୁ ଆଣାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଫଳଦାୟକ ପଦକ୍ଷେପ ଗ୍ରହଣ ହୋଇନଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ଚରମସୀମାକୁ ପହଞ୍ଚିଛି । କେବଳ ବସୁଧା ଯୋଜନା ନୁହେଁ, ଗ୍ରାମରେ ଥିବା ସୋଲାର ୱାଟର ସପ୍ଲାଏ ପ୍ରକଳ୍ପ ମଧ୍ୟ ଗତ ଦୁଇ ମାସ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି । ମରାମତି କାମ ପ୍ରତି ପ୍ରଶାସନର ଅନାଗ୍ରହ ଯୋଗୁଁ ଗ୍ରାମବାସୀଙ୍କ ସମସ୍ୟା ଆହୁରି ବଢ଼ିଛି । ପିଇବା ପାଣି ପାଇଁ ଲୋକମାନେ ଏବେ ମଧ୍ୟ ଦୂର ଦୂରାନ୍ତରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି । ବର୍ତ୍ତମାନ ଗ୍ରାମରେ ଗୋଟିଏ ପ୍ରଶ୍ନ ଚାରିଆଡେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି "ଏତେ ଟଙ୍କା ଖର୍ଚ୍ଚ ହେଲା ପରେ ମଧ୍ୟ ଗ୍ରାମକୁ ପାଣି କେବେ ମିଳିବ ।

## ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟା ନେଇଁ ରାସ୍ତା ଅବରୋଧ କଲେ ମହିଳା

ଲାଞ୍ଜିଗଡ଼, (ମହାଭାରତ ): ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗ୍ରାମର ହରିଜନ ପଡାରେ ଜଳସଙ୍କଟ ଦେଖାଦେଇଛି ଓ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ୪୫ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ପାଣିସମସ୍ୟା ହନ୍ତସନ୍ତ କରୁଛି ପଡଓବାସୀଙ୍କୁ ଓ ପଡାର ମହିଳା ମାନେ ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ହାଣ୍ଡି, ଗରା,ବାଲ୍‌ଟି, ମାଠିଆ ଧରି ରାସ୍ତା ଅବରୋଧ କରିଥିଲେ ଓ ଯାହା ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୩ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଥିଲା । ଖବର ପାଇ ଚମ୍ପାଦେଇପୁର ପଞ୍ଚାୟତ ସରପଞ୍ଚ ନରେନ୍ଦ୍ର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ସୂଚନା ଅନୁସାରେ ଚମ୍ପାଦେଇପୁର ପଞ୍ଚାୟତ ଅଧୀନରେ ଥିବା ହରିହରପୁର ଗ୍ରାମରେ ତିନିଗୋଟି



ପଡ଼ାରେ ୧୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ହରିଜନ ପଡ଼ାରେ ୪୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି ଓ ହରିହରପୁର ଗ୍ରାମରେ ଆଜିକୁ ୪ଦିନ ହେଲା ବିଦ୍ୟୁତ ନଥିବା ହେତୁ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବା ବେଳେ ପାଣି ଦୋକାନରୁ କିଣି ପିଉଥିବା କହୁଛନ୍ତି ପଡାବାସୀ । ପଡ଼ାରେ ଦୁଇଟି ନଳକୂପ ରହିଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ନିଅଣ୍ଟ ହେଉଥିବା ବେଳେ ଦୁଇମାସ ହେବ ଖରାପ ହୋଇ ପଡିଛି । ପଞ୍ଚାୟତ ପକ୍ଷରୁ ପାଣି ଟ୍ୱେଙ୍କର ଦ୍ୱାରା ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାର ବ୍ୟବସ୍ଥା କାଯାଇନଥିବା ଯୋଗୁଁ ପଡ଼ାରେ ଘୋର ଜଳ ସଙ୍କଟ ଦେଖା ଦେଇଛି । ପଞ୍ଚାୟତ ଠାରୁ ବ୍ଲକ୍ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ସତ୍ତ୍ୱେ ଏହାକୁ ନେଇ ବିଭିନ୍ନ ତ୍ରୁଟି ଦେଖାଉଛନ୍ତି । ବିଦ୍ୟୁତ ବିଭାଗ କିମ୍ବା ପଞ୍ଚାୟତ ଓ ବ୍ଲକର କୌଣସି ଅଧିକାରୀ ଅଭିଯୋଗ ପାଇଁ ଫୋନ କଲେ ଫୋନ କଲ ଗ୍ରହଣ କରୁନାହାନ୍ତି ଓ ବାରମ୍ବାର ଅଭିଯୋଗ ପରେ କେହି କର୍ଣ୍ଣପାତ ନକରିବାରୁ ଆଜି ହରିହରପୁର ହରିଜନ ପଡାର ସବିତା ହରିଜନ, ପ୍ରତିମା ହରିଜନ, ସସ୍ମିତା ହରିଜନ, କଳ୍ପନା ହରିଜନ, କୁନ୍ତୀ ହରିଜନ, ଚଞ୍ଚଳଓ ହରିଜନ, ସଂଯୁକ୍ତା ହରିଜନ ସମେତ ବହୁସଂଖ୍ୟାରେ ମହିଳା ମାନେ ପାନୀୟ ଜଳ ସମସ୍ୟାକୁ ନେଇ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୂଖ୍ୟ ରାସ୍ତାରେ ସୋମବାର ସକାଳ ୭ ଘଣ୍ଟା ସମୟରେ ହାଣ୍ଡି, ଗରା, ବାଲ୍‌ଟି, ନଖି ଧରି ମୁଖ୍ୟ ରାସ୍ତା ଅବରୋଧ କରିଥିବା ପ୍ରକାଶ କରିଛନ୍ତି । ଯାହା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ଘଟଣା ସ୍ଥଳରେ ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ ପହଞ୍ଚି ମହିଳା ମାନଙ୍କୁ ବୁଝାସୁଝା କରିଥିଲେ ଓ ଖବର ପାଇ ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ଚମ୍ପାଦେଇପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ ସାହୁ ପହଞ୍ଚି ଉକ୍ତ ପଡାକୁ ତିନିଚାରି ଘଣ୍ଟା ଭିତରେ ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଇ ଦିଆଯିବା ସହିତ ବିଦ୍ୟୁତ ସରବରାହ ପାଇଁ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରି ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ କହିଥିଲେ ଏବଂ ନଳକୂପ ତିଆରି ଗାଡି ଉପଲବ୍ଧ ନଥିବା ହେତୁ ଆଜି ସନ୍ଧ୍ୟା କିମ୍ବା ଆସନ୍ତା କାଲି ସୁଦ୍ଧା ନଳକୂପ ତିଆରି କରାଯିବ ବୋଲି ସରପଞ୍ଚ ଶ୍ରୀ ମାଝୀ ମହିଳା ମାନଙ୍କୁ ବୁଝାସୁଝା କରିବା ପରେ ଦୀର୍ଘ ୩ଘଣ୍ଟା ପରେ ଦିନ ୧୦ ଘଣ୍ଟା ସମୟରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

### ଗଡିଆ ପାଣିରେ ବୁଡ଼ି ଯାଇ ଜଣେ ମୃତ

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗଡା ପଞ୍ଚାୟତ ର କାଳିଜିଆଣି ଛକ ନିକଟରେ ସୋମବାର ଦିନ ଏକ ଗଡିଆ ପାଣିରେ ବୁଡି ଯାଇ ଜଣକ ଙ୍କ ମୃତ୍ୟୁ ଘଟିଛି ।ମୃତକ ଜଣକ ହେଉଛନ୍ତି କାଳିଆଜିଆଣି ଗ୍ରାମର ଗୁନା ସାମାଡ ୬୧ ବର୍ଷ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ ଗୁନା ସମାଡ଼ ଙ୍କ ପରିବାର ଲୋକେ ଧାନ ଚାଷ କରିଥିଲେ ତାକୁ ଜଗିବା ପାଇଁ ସେ ପ୍ରତିଦିନ ଧନ ବିଲ କୁ ଆସୁଥିଲେ ।ସୋମବାର ସେ ସବୁ ଦିନ ଭଳି ଧାନ ଯୋଗିବା ପାଇଁ ଆସିଥିବା ବେଳେ କୌଣସି କାରଣ ପାଇଁ ସେ ବିଲ ପାଖରେ ଥିବା ଗଡିଆ କୁ ଯାଇଥିବା ବେଳେ ଗଡିଆ ରେ ଖସି ପଡ଼ି ପାଣିରେ ବୁଡି ଯାଇଥିଲେ ।ପରେ ସେଠାରେ ଥିବା ଜଣେ ବ୍ୟକ୍ତି ତାକୁ ପାଣି ଭିତରେ ବୁଡି ଯାଇଥିବା ଜାଣି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ଏ ନେଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଗଡିଆ ରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଦୁଇ ବର୍ଷ ବିତିବାକୁ ବସିଲାଣି, ହୋଇପାରୁନି ଜିଆରଏସ୍ ନିଯୁକ୍ତି

### ଅପେକ୍ଷାରେ ଆଶାୟୀ, ଅପ୍ରେଲ ୨୦ରୁ ଧାରଣାରେ ଏପିଓ

ନୟାଗଡ(ମହାଭାରତ): ମାହାତାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥରେ ଗାଁ ସାଥି ଙ୍କ ଠାରୁ ଆରମ୍ଭ କରି ବ୍ଲକରେ କାର୍ଯ୍ୟରତ ଏପିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଷ୍ଠାର ଆବଶ୍ୟକତା ରହିଛି। ୨୦୨୪ ମସିହା ପୂର୍ବରୁ ରାଜ୍ୟ ସରକାର ମନରେଗା ଅଧିନରେ କାର୍ଯ୍ୟ କରୁଥିବା ଜିଆର୍‌ଏସ୍ ଙ୍କୁ ପଦୋନ୍ନତୀ ଦେଇଥିଲେ। ସେମାନଙ୍କୁ ପଞ୍ଚାୟତ ରାଜ ବିଭାଗ ଆକାଉଣ୍ଟାଡ୍ କମ୍ ଡିଇଓ ଭାବେ ନିଯକ୍ତି କରିଥିଲେ। ନୟାଗଡ ଜିଲ୍ଲାର ୧୯୪ ପଞ୍ଚାୟତ ମଧ୍ୟରୁ ୧୫୦ ରୁ ଊର୍ଦ୍ଧ୍ୱ ଜିଆର୍‌ଏସ୍ ପଦବୀ ଖାଲି ହୋଇଥିଲା। ଯାହାକୁ ନେଇ ୨୦୨୪ ମସିହା ଅଗଷ୍ଟ ମାସ ୨୦ ତାରିଖରେ ୧୦୨ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥୀ ମଧ୍ୟରେ ଅଣସଂରକ୍ଷିତ ୫୨ଟି ପଦବୀ ରହିଥିବା ବେଳେ ୧୯ଟି ଏସସି, ୨୬ଟି ଏସ୍ଟିଙ୍କ ପାଇଁ ସଂରକ୍ଷିତ ରହିଥିଲା। ମୋଟ ପଦବୀ ମଧ୍ୟରୁ ୫୪ଟି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୨୩ ସୁଦ୍ଧା ଜିଲ୍ଲାରେ ୧୦୨ ପଦବୀ ପାଇଁ ୫ ହଜାର ୬୧୨ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଉକ୍ତ ଆବେଦନ ଗୁଡ଼ିକୁ ବିଚାର କରି ଜିଲ୍ଲା ପରିଷଦ ପକ୍ଷରୁ ଅଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା।




ଯୋଗ୍ୟ ତାଲିକାକୁ ଧରି ନୟାଗଡ଼ ଜିଲ୍ଲା ପରିଷଦ ଦୁଇ ବର୍ଷ ହେବ ବସିଥିବା ବେଳେ ନିଯୁକ୍ତି ନକରିବା ପାଇଁ ସରକାରଙ୍କ ଅଘୋଷିତ ଚାପ ରହିଥିବା ବାରମ୍ବାର ଆଶାୟୀଙ୍କୁ କୁହାଯାଉଛି। ଜିଆର୍‌ଏସ୍ ପଦବୀ ଖାଲି ପଡ଼ିଥିବାରୁ ମନରେଗା ପାଣ୍ଠି ବ୍ୟୟ ଆଶାତିତ ହ୍ରାସ ଘଟିଛି। ଅନ୍ୟପକ୍ଷେ, ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜିଆର୍ ଏସ୍ ଙ୍କୁ ଏଡିଇଓ ଭାବେ ନିୟମିତ ନିଯୁକ୍ତି ଦେଇଥିବା ବେଳେ ବ୍ଲକରେ କାର୍ଯ୍ୟରତ ଏପିଓ (ଅତିରିକ୍ତ କାର୍ଯ୍ୟକ୍ରମ ଅଧୀକାରୀ) ମାନଙ୍କୁ ନିୟମିତ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ଏପିଓ ମାନେ ଗତ ମାର୍ଚ୍ଚ ମାସରେ ୧୪ ଦିନ ଧରି କଳାବ୍ୟାଜ୍ ପରିଧାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଜାରି ରଖୁଥିଲେ। କୌଣସି ସୁଫଳ ନମିଳିବାରୁ ଏପିଓ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅପ୍ରେଲ ୨୦ ତାରିଖରୁ ଏପିଓ ଓ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଏମସି ମାନେ କାମ ବନ୍ଦ କରି ଲୋୟର ପିଏମ୍ଜିରେ ଧାରଣାରେ ବସିଛନ୍ତି। ମନରେଗା ବନ୍ଦ ହୋଇ ଭି ବି ଜି ରାମ୍ ଜି ଆରମ୍ଭ ହେବାକୁ ବ୍ୟବସ୍ଥା ହେଉଥିବା ବେଳେ ତାହାର ଭବିଷ୍ୟତ କଣ ହେବ ତାକୁ ନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ପ୍ରଶାସନିକ ମହଲ ପର୍ଯ୍ୟନ୍ତ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି।

## ବିଶ୍ୱନାଥପୁର ମା ହୀରାନୀଳା ସ୍ୱାତକ ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟରେଟ ଉପାଧି ଗ୍ରହଣ କଲେ



ଲାଞ୍ଜିଗଡ(ମହାଭାରତ) : କଳାହାଣ୍ଡି, ଲାଞ୍ଜିଗଡ ବ୍ଲକ ବିଶ୍ୱନାଥ ପୁର ମା ହୀରାନୀଳା ସ୍ନେତକ ମହାବିଦ୍ୟାଳୟ ର ଅଧପକ ଡ଼କ୍ଟରେଟ ଉପାଧି ଗ୍ରହଣ କଲେ ଓ ଆଜି ରାୟଗଡା ରାୟଗଡା ର ତେଜସୀ ଅନ୍ତର୍ଜାତୀୟ ହୋଟେଲ ରେ ରୁଷିଆର ମକ୍ସୋ ରିସଚ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ଆଇନ ମହାବିଦ୍ୟାଳୟ ମିଳିତ ଉଦ୍ୟମ ରେ ଅନ୍ତର୍ଜାତୀକ ସେମିନାର ଅନୁଷ୍ଠିତ ହୋଇଥିଲା । ଏଥିରେ ମାସ୍କୋ ରିସଚ ବିଶ୍ୱବିଦ୍ୟାଳୟ ତରଫରୁ ନିୟୁର୍କ ରୁ ପ୍ରଫେସର କେଲି ଓଆଜି ଲଣ୍ଡନ ରୁ ପ୍ରଫେସର କେରିଲିଏ ଫକ୍ସ ଦେବାରଥିବାବେଳେ ସ୍ଥାନୀୟ ରାୟଗଡା ସୟଂଶାସିତ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ଡ଼ଃ ଦୁଷ୍ମନ୍ତ ମହାନ୍ତି ଓ ଡ଼ଃ ପ୍ରସନ୍ତ ଗନ୍ତାୟତ ଯୋଗ ଦେଇ ଆଇନର ସମାଜ ରେ ଉପଯୋଗୀତା ବିଷୟରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏଥିରେ ଉତ୍କଳ ଆଇନ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ଡ଼ଃ ଅଶୋକ କୁମାର ମିଶ୍ର ସଭାପତି କରିଥିଲେ । ଓ ଉକ୍ତ କାର୍ଯ୍ୟକ୍ରମ ରେ ଓଡ଼ିଶାର ତିନି ଜଣଙ୍କୁ ସମ୍ମାନ ଜନକ ଭାବରେ ଡ଼କ୍ଟରେଟ ଉପାଧିରେ ଶିକ୍ଷା କ୍ଷତ୍ରରେ ମା ହୀରାନୀଲ ସ୍ନେତକ ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ର ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ କେନ୍ଦ୍ରାପଡ଼ା ଜିଲ୍ଲାର ସରୋଜ କୁମାର ପ୍ରଧାନ ଓ ଉଦ୍ୟଗୀ କ୍ଷତ୍ରରେ ଭୁବନେଶ୍ୱର ର ସ୍ୱାତୀ ସାମନ୍ତ ରାୟଙ୍କୁ ସମ୍ମାନିତ କରାଯିବା ସହିତ ବେଷ୍ଟ ଅଓଚିଭର ଭାବେ ଯାଜପୁର ରାଜ୍ୟସ୍ତରୀୟ ସାମ୍ବାଦିକ ସ୍ୱରପ ମହାନ୍ତି କଳା ଓ ସିନେମା କ୍ଷତ୍ରରେ ଗଜେନ୍ଦ୍ର ବେହେରା ଓ ସମାଜ ସେବା କ୍ଷତ୍ରରେ ଆର କେ ସାହୁକାର ରାୟଗଡା ଙ୍କୁ ପୁରସ୍କାର ଓ ମାନପତ୍ର ସହିତ ଉପଢୌକନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଓ ସଭା ମଞ୍ଚ ପରିଚାଳନା ମହେଶ୍ୱତା ପାଣିଗ୍ରାହୀ କରିଥିବାବେଳେ ଧନ୍ୟବାଦ ଅର୍ପଣ ଶିବ ପ୍ରସାଦ ମିଶ୍ର ଡ଼ିନ ଉତ୍କଳ ଆଇନ ମହାବିଦ୍ୟାଳୟ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର

କଣିହାଁ,(ମହାଭାରତ): ଆଜି ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅନୁଗୋଳ ଅବ୍ଦାଲ ଏମ୍ ଅଖତର ଙ୍କ ଉପସ୍ଥିତି ରେ ମୋଟ ୧୧୯ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ- ୮୮ ଟି ଓ ଗ୍ରାମ୍ୟ ଭିତ୍ତିକ - ୩୧ଟି। ଏହି ଶିବିର ସ୍ଥଳରେ ତୁରନ୍ତ ୧୩ଟି ଅଭିଯୋଗର ଫଏସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଚାରି ଜଣଙ୍କୁ ଯଥା ବଜ୍ରକୋଟ ପଞ୍ଚାୟତର ଭକ୍ତବନ୍ଧୁ ଧିର ଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା,ଶଗଡ଼ି ପାଳର ଶାନ୍ତନୁ ମହାନ୍ତି କୁ ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା,ବଜ୍ରକୋଟ ପଞ୍ଚାୟତର ଯୋଗିନାଥ ପ୍ରଧାନଙ୍କୁ ୭,୫୦୦ ଟଙ୍କା ଚିକିତ୍ସା ନିମନ୍ତେ ଓ ବଜ୍ରକୋଟ ପଞ୍ଚାୟତର ଦୁଃଶାସନ ମହାନ୍ତି କିଡନୀ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ଲେଖାଏଁ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁଇ ଜଣଙ୍କୁ ଯଥା ପରାବିଲ ପଞ୍ଚାୟତ ର ହୃଦାନନ୍ଦ ବିଶ୍ୱାଳ କୁ କିଡନୀ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ଏବଂ ବିଜିଗୋଲ ପଞ୍ଚାୟତ ର ପ୍ରମିଳା ବେହେରା ଙ୍କୁ ଙ୍କୁ ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ର ଚେକ୍ ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି , ପିଇବା ପାଣି, ଭତ୍ତା, ରାସନ, ଘର ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା ।ଏଥିରେ ଉପସ୍ଥିତ ଥିଲେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଉଦୟ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦ□ ମହାନ୍ତ , ଉପଜିଲ୍ଲାପାଳ ତାଳଚେର ଆଶିଷ ରଞ୍ଜନ ସାହୁ, ଆଇଏସ ପ୍ରବୋସନର ଅଭି ଜୈନ,ବିଡିଓ ତ୍ରିବିକ୍ରମ କୁମୁରା, ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ଚାଷୀ ଆନ୍ଧ୍ର ବିହନ ପ୍ରତି ଆକୃଷ୍ଟ

### ଚାଷୀ ଖରିଫ ଋତୁ ଧାନ ଚାଷ ସକାଶେ ସଜ ବାଜ୍ ହେଲାଣି



ଗଜପତ(ମହାଭାରତ): ଚାଷୀ ଜମି କୁ ତଶି ସମତଳ କରିଲାନିଓ ବିହନ ଉପଯୁକ୍ତ ସକାଶେ ଚାଷୀ ଖୋଜାଖୋଜି କରିଲାଣି । ସରକାରୀ ବିହନ କୃଷି ବିଭାଗ ପକ୍ଷ ରୁ ରିହାତି ଦରେରେ ଚାଷୀ ଙ୍କୁ ଯୋଗାଇ ଦିଆଯାଉଛି। ବର୍ତ୍ତମାନ୍ ବିଭିନ୍ନ ସୋସାଇଟୀ, ଡିଲର , ଦୋକାନୀ ସରକାରୀ ବିହନ ବିକ୍ରୀ ବଟା ଆରମ୍ଭ ହେଲାଣି । ପଞ୍ଜୀକୃତ ଚାଷୀ ସରକାରୀ ବିହନ ରିହାତି ଦରରେ ପାଇବେ ବୋଲି ବିଭାଗ ପକ୍ଷରୁ ଚାଷୀ ଙ୍କୁ ଅବଗତ କରାଯାଇଛି। କିନ୍ତୁ ବିଭିନ୍ନ କିଶୀମର ଧାନ ସରକାରଙ୍କ ପକ୍ଷ ରୁ ଯୋଗଇ ଦିଆଯାଉଛି ବୋଲି ସଚେତନ କରାଯାଉ ନାହିଁ। ଓଡ଼ିଶା ସରକାର ଙ୍କ ଧାନ ପ୍ରାମାଣିକ ଧାନ ଓ ଉତ୍କୃଷ୍ଟ ବୋଲି ସଚେତନତା କରାଯାଉ ନାହିଁ। ରିହାତି ଟଙ୍କା ଚାଷୀର ବ୍ୟାଙ୍କ ଆକାଉଣ୍ଟରେ ପଡୁନି ବୋଲି ଚାଷୀ ଅଭିଯୋଗ କରୁ ଛନ୍ତି। ବିଭାଗ କହିବା କଥା ହେଲା ଠିକ୍ ବ୍ୟାଙ୍କ ଆକାଉଣ୍ଟ ସଚଳ ଥିବ ଆକାଉଣ୍ଟ ଦେଲେ ନିଶ୍ଚିତ ପଡ଼ିବ ବୋଲି ଦାବି କରୁଛନ୍ତି। କିନ୍ତୁ କିଛି ଚାଷୀ ରିହାତି ଟଙ୍କା ପାଉନି ବୋଲି ଅଭିଯୋଗ ହେଉଛି। ଏହି ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗି ରହିଛି। ଏହା କାହାକୁ ଅଛପା ନାହିଁ। ସେପଟେ ଓଡ଼ିଶା ଚାଷୀ ଆନ୍ଧ୍ର ବିହନ ଉପରେ ଆଗ୍ରହୀ କାରଣ ସଫା କେଳି ବାଲୁଙ୍ଗା ନ ଥାଏ ବୋଲି ଭରସା ଯୋଗ୍ୟ ବୋଲି କହିଥାନ୍ତି। ଚାଷୀ ଚଡା ଦରରେ କ୍ରୟ କରିଥାନ୍ତି। ପାରଳା ରେ କିଛି ଦୋକାନୀ ଆନ୍ଧ୍ର ବିହନ ଆଣି ବିକ୍ରି କରୁଛନ୍ତି କିନ୍ତୁ ବିଲ ଦଉନାହନ୍ତି । ଆନ୍ଧ୍ର ଧାନ ଭଲ ବିଲ କଣ ଦେବୁ ବୋଲି କୁହନ୍ତି। ୨୫ କେଜି ତେର ଶହ ନଉଛନ୍ତି ହଜାର ଏକ ସୋଠୀ ଧାନ ବିହନ ପ୍ରକାର କମ୍ପାନୀ ର ଧାନ ବିକ୍ରି କରୁଛନ୍ତି। ସେହି ଭଳି ଆନ୍ଧ୍ର ର ପୁରୁଣା ପାଟଣା ଓ ମିଳିଆ ପୁଟରୁ ଆଣି ଥାଆନ୍ତି। ଚଡ଼ା ଦରରେ ଆଣି ଥାଆନ୍ତି। କିଛି ଚାଷୀ କହିବା କଥା ହେଲା ଏହା ଉପନ୍ତ ଅଞ୍ଚଳ ହୋଇ ଥିବାରୁ ଏହି ଭଳି ଅବସ୍ଥାୟ ଚାଷୀ ଆଗେ ଧାନ ଅମଳ ସମୟ ରେ ଧାନ ସଫା କରି ଧାନ ଚାଷ ସକାଶେ ରଖୁଥିଲା ବର୍ତ୍ତମାନ୍ ଧାନ ଉତ୍ପାଦନ ସମୟ ରେ ବିହନ ରଖୁ ନଥିବାରୁ ଏହି ଭଳି ଅବସ୍ଥା ହୋଇଛି ବୋଲି ଚାଷୀ ପ୍ରକାଶ କରିଛନ୍ତି। ସରକାର ବ୍ୟାପକ ସଚେତନତା କରିବାର ଆବଶ୍ୟକତା ରହିଚିବୋଲି ଚାଷୀ କୁ ଳ ପ୍ରକାଶ କରିଛନ୍ତି।

## ଜାକେଡ଼ା ପଞ୍ଚାୟତ ପ୍ରିମିୟର ଲିଗ ଉଦଘାଟିତ



ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ ଅନ୍ତର୍ଗତ ଶିମିଳିସାହି ଠାରେ ଜାକେଡ଼ା ପଞ୍ଚାୟତ ପ୍ରିମିୟରଲିଗ ଉଦଘାଟିତ ହୋଇଯାଇଛି। ସୂଚନା ଥାଉକି ଆଜି ମା' ବାଗଦେବୀ ଠାକୁରାଣୀ ଙ୍କୁ ଦର୍ଶନ କରି ସେଠାରୁ ଖେଳାଳିମାନେ ୫୦ ରୁ ଉର୍ଦ୍ଧ୍ୱ ବାଇକ ଶୋଭାଯାତ୍ରାରେ ବାହାରି ଶିମିଳିସାହି ଖେଳ ପଡ଼ିଆରେ ପହଞ୍ଚିଥିଲେ ।ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁମିତ୍ରା ଜାନି, ସମିତି ସଭ୍ୟା ପ୍ରଭାତୀ ମଳିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ ପ୍ରମୁଖ ଉପସ୍ଥିତ ରହିଥିଲେ ।ଆଜିର ଖେଳରେ ପ୍ରଥମେ ଏପି ଇଲେଭେନ ୧୨ ଓଭରରେ ୬ ୱାଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା ଏହାର ଜବାବରେ ଡିକେ ୱାରୀଅର ୧୨ ଓଭରରେ ୭ ୱାଇକେଟ ହରାଇ ୮୫ ରନ କରି ହାରିଯାଇଥିଲା। ଏପି ଇଲେଭେନ ବିଜୟୀ ହୋଇଥିଲା ।ଫଳରେ ସେହିପରି ଜେଆର ଫାଇଟର ୧୨ ଓଭରରେ ୬ ହରାଇ ୧୦୯ ରନ ସଂଗ୍ରହ କରିଥିଲା ଜବାବରେ ବି ବି ଟାଇଗର ୧୧ ଓଭରରେ ୫ ୱାଇକେଟ ହରାଇ ୧୧୩ ରନ କରି ବିଜୟୀ ହୋଇଥିଲା ।ଏହାକୁ ମା ବାଗଦେବୀ କ୍ରିକେଟ କ୍ଲବ, ଜାକେଡ଼ା ଆୟୋଜନ କରିଥିବା ବେଳେ ଯୁବ ସାମ୍ବାଦିକ ଦିଲ୍ଲୀପ କୁମାର ଜାନି,ବୁଲୁ ମଳିକ,ପ୍ରକାଶ ମଳିକ, ହରେକୃଷ୍ଣ ମଳିକ ସହଯୋଗ କରିଥିଲେ ।ଏହା ଚଳିତ ବର୍ଷ ୨୦୨୬ ମେ ୩୧ ରୁ ଜୁନ ୧,୨ ଓ ୫ ରିଖ ପର୍ଯ୍ୟନ୍ତ ଦୀର୍ଘ ୪ଦିନ ଧରି ସ୍ଥାନୀୟ କ୍ରିକେଟ ଖେଳାଳି ମାନଙ୍କୁ ନେଇ ପଞ୍ଚାୟତ ସ୍ତରୀୟ ଖେଳ ଅନୁଷ୍ଠିତ ହେବ ।ଆସନ୍ତା କାଲି ୪ଟି ଦଳ ମଧ୍ୟରେ ଖେଳ ଜାରି ରହିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

## ହରିଣ ମାଂସ ସହ ୪ ଗିରଫ



ପାଟଣା(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଏକ ହରିଣ କୁ କିଛି ଲୋକ ଶିକାର କରି ମାଂସ କୁ କାଟି ବିକ୍ରି କରିବାକୁ ଉଦ୍ୟମ ଚାଲିଥିବା କୌଣସି ସୂତ୍ର ରୁ ପାଟଣା ବନ ବିଭାଗ ଖବର ପାଇ ଏକ ଟିମ୍ ବଣ ମହୁଲଡିହା ଗ୍ରାମ ଦଲକି ସାହି ଲକ୍ଷ୍ମଣ ମାଝୀ ଘର ପାଖରେ ହରିଣ କଟା ଚାଲିଥିବା ବେଳେ ପହଞ୍ଚି ଥିଲା । ଉକ୍ତ ଲୋକ ବନବିଭାଗ କୁ ଦେଖି ଘଟଣାସ୍ଥଳ ରୁ ଫେରାରେ ମାରିବାକୁ ଚେଷ୍ଟା କରୁଥିବା ବେଳେ ଚରିଜଣ କୁ ବନବିଭାଗ ଅଧିକାରୀ ନିରଞ୍ଜନ ସେଠୀ,ବନ କର୍ମଚରି ଦୀପକ କୁମାର ସ୍ୱାଇଁ ତଥା ଟିମ୍ ଧରିବାରେ ସକ୍ଷମ ହୋଇ ଥିଲେ। ଶିକାରୀ ମାନ ଙ୍କ ନିକଟ ରୁ ମୃତ ହରିଣ,କଟା ମୁଣ୍ଡ ସହିତ ଚାରୋଟି ଖୁରା ଲଗା ଗୋଡ,ତିନୋଟି ଧନୁ,ଦଶଟି ତୀର,ଗୋଟେ କୁରାଢ଼ୀ ଗୋଟେ ।ଲା, ତିନୋଟି ପ୍ଲାଷ୍ଟିକ ବ୍ୟାଗ,ଗୋଟେ ତରାଜୁ ଇତ୍ୟାଦି କୁ ଜବତ କରିବା ପରେ ଚରିଜଣ ଅଭିଯୁକ୍ତଙ୍କ ମଧ ରୁ ଲକ୍ଷ୍ମଣ ମାଝୀ, ଗ୍ରାମ-ବଣ ମହୁଲଡିହା,ଦଲକି ସାହି,ଯଦୁମଣି ମାଝୀ,ଗ୍ରାମ-ବଣ ମହୁଲଡିହା,ଦଲକି ସାହି, ଥାନା-ଘଟଗାଁ, ଜିଲ୍ଲା- କେନ୍ଦୁଝର ହୋଇ ଥିବା ବେଳେ ଗୋପାଳ ମାଝୀ,ସାନକରଣ ମାଝୀ ଦୁହେଁ ଗ୍ରାମ-ବେଉକାରପଡା,ଥାନା - ଠାକୁରମୁଣ୍ଡା ଜିଲ୍ଲା-ମୟୂରଭଞ୍ଜ ବୋଲି ଜଣାପଡି ଛି। ଚରିଜଣ କୁ ପାଟଣା ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଯାଇଛି।

## ଶ୍ରୀ ବିନାୟକ ହସ୍ପିଟାଲ ଓ ଷ୍ଟିଲ ସିଟି ପ୍ରେସ କ୍ଲବ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର

ଦାନଗଦ(ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ରୋଗୀ ଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ରୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀ ବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ଏକ ନିଆରା ପ୍ରୟାସ ହାତକୁ ନେଇଛି। ରବିବାର ଦିନ ଦାନଗଦି ବ୍ଲକର ରଣାଗୁଣ୍ଡି ଗ୍ରାମପଞ୍ଚାୟତଠାରେ ଶ୍ରୀ ବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଉପସ୍ଥିତ ଥିବାବେଳେ ଭୁବନେଶ୍ୱର ଓ କଟକରୁ ଆସିଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ରାଧା ଗୋବିନ୍ଦ ମନ୍ଦିରକୁ ଥଣ୍ଡା ପିଇବା ପାଣି ବ୍ୟବସ୍ଥା ଦାନ କଲେ ଏସ ଏନ ଜୁଏଲର




ମାଲକାନଗିରି(ମହାଭାରତ): ସମାଜସେବା ଓ ଧାର୍ମିକ ଭାବନାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛନ୍ତି ସନ୍ତୋଷ ନାୟକ ଓ ତାଙ୍କ ପରିବାର । ମାଲକାନଗିରିର ଏସଏନ୍ ଜୁଏଲେରୀ ପକ୍ଷରୁ ଏମ୍ ଭି-୩ ନମ୍ବର ଗ୍ରାମ ରେ ଅବସ୍ଥିତ ଶ୍ରୀ ରାଧା ଗୋବିନ୍ଦ ମନ୍ଦିରରେ ଏକ ପାଣି ଫିଲ୍ଟର ସହ ଥଣ୍ଡା ପିଇବା ପାଣିର ସୁନ୍ଦର ବ୍ୟବସ୍ଥା କରାଯାଇଛି। ଏ ସେବାମୂଳକ କାର୍ଯ୍ୟ ସନ୍ତୋଷ ନାୟକଙ୍କ ପିତା ସୁରେନ୍ଦ୍ର ନାୟକ ଓ ପରିବାର ସଦସ୍ୟଙ୍କ ଉପସ୍ଥିତି ରେ ସମ୍ପନ୍ନ ହୋଇଥଲା। ମନ୍ଦିରକୁ ଆସୁଥିବା ଭକ୍ତମାନେ ଓ ସାଧାରଣ ଲୋକମାନେ ଏଥିରୁ ବହୁତ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ଏହି ମହତ୍ ପଦକ୍ଷେପ ପାଇଁ ମନ୍ଦିର କମିଟି ଓ ବୈଷ୍ଣବ ସମାଜ ପକ୍ଷରୁ ଏସଏନ୍ ଜୁଏଲେରୀ ପରିବାରକୁ ଅନେକ ଅନେକ ଧନ୍ୟବାଦ ଓ ଅଭିନନ୍ଦନ ଜଣାଯାଇଛି । ସମାଜସେବାର ଏଭଳି ପ୍ରୟାସ ଆଜିର ସମାଜ ପାଇଁ ନିଶ୍ଚୟ ଏକ ପ୍ରେରଣାଦାୟକ ଉଦାହରଣୟ ଭଗବାନଙ୍କ ନିକଟରେ ସମସ୍ତଙ୍କ ପ୍ରାର୍ଥନା ସନ୍ତୋଷ ନାୟକ ଓ ତାଙ୍କ ପରିବାର ସଦା ସୁସ୍ଥ, ସୁଖୀ ଓ ସମୃଦ୍ଧ ରୁହନ୍ତୁ ଏବଂ ଆଗାମୀ ଦିନରେ ମଧ ଏଭଳି ସମାଜସେବା ମୂଳକ କାର୍ଯ୍ୟ ଜାରି ରଖନ୍ତୁ। ଏହି ମାନବିକ ଦାନ ଓ ସୁନ୍ଦର ପଦକ୍ଷେପ ପାଇଁ ପୁନର୍ବାର ଆନ୍ତରିକ କୃତଜ୍ଞତା ଜଣାଯାଇଛି ମନ୍ଦୀର କମିଟି ପକ୍ଷର।

## ନାମକୁ ମାତ୍ର ଅବକାରୀ ଥାନା: କିନ୍ତୁ ସବୁବେଳେ ଝୁଲୁଛି ତାଲା

ରଣପୁର,(ମହାଭାରତ) : ଶୋଇ ରହିଛି ରଣପୁର ଅବକାରୀ ଥାନାୟ ନିଶା ବେପାରୀଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ରଣପୁର। ସବୁ ଜାଣି ଅଜଣା ଅବକାରୀ ବିଭାଗୟ ରଣପୁର ଅଞ୍ଚଳ ରେ ପର୍ଯ୍ୟାପ୍ତ ପରିମାଣରେ ବ୍ରାଉନ ସୁଗାର କାରବାର ହେଉଥିବା ବାରମ୍ବାର ଲୋକେ ଅଭିଯୋଗ କରୁଥିଲେ ସୁଦ୍ଧା ରଣପୁର ଅବକାରୀ ବିଭାଗର କର୍ମଚାରୀ ମାନେ ସବୁ ଜାଣି କଣ ପାଇଁ ନିରବ ରୁହନ୍ତି ତାହା ଜନସାଧାରଣ ଙ୍କୁ ବିସ୍ମିତ କରେ ।କିନ୍ତୁ କର୍ମଚାରୀ ଅଭାବ ଆଳ ଦେଖାଇ ପ୍ରତେକ ସମୟରେ ଅବକାରୀ ଅଫିସ ରେ ତାଲା ଝୁଲାଇ ଭଡା ଘରେ ଅବକାରୀ କର୍ମଚାରୀ ରହୁଥିବାର ଅଭିଯୋଗ ହେଉଛି। ରଣପୁର ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣ ରେ କିଛି ଟା ଚାହା ଦୋକାନ ଠାରୁ ପାନ ଦୋକାନ ପର୍ଯ୍ୟନ୍ତ ବ୍ରାଉନ ସୁଗାର ଓ ଚୋରା ଦେଶୀ ମଦ ବିକ୍ରି ହେଉଛି। ବାରମ୍ବାର ଅଭିଯୋଗ ପରେ ରଣପୁର ଅବକାରୀ ବିଭାଗ ର କର୍ମଚାରୀ ଙ୍କ କାର୍ଯ୍ୟକାରିତା ଉପରେ ସନ୍ଦେହ କରି କେନ୍ଦ୍ରାଞ୍ଚଳ ଅବକାରୀ ସ୍କ୍ୱାର୍ଡ ଆଜି ପ୍ରମାଣିତ କରିଦେଇଛି ଯେ ଏହି ଅଞ୍ଚଳରେ ନିଶା ଦ୍ରବ୍ୟ କାରବାର ପ୍ରଚୁରମାତ୍ରାରେ ଚାଲିଛି। ଯାହା ଫଳରେ ଆଜି ରଣପୁର ନିକଟ ମୟୂରଝଲିଆ ରୁ ୪୦୦ ଗ୍ରାମର ବ୍ରାଉନ ସୁଗାର ବଜାର ନିକଟ ସଚିନ ପ୍ରଧାନ ଙ୍କ ଘରୁ ଜବତ କରି ଗୋଟେ ବଡ଼ ଧରଣର ରାକେଟ ପର୍ଦ୍ଦାଫାଶ କରିଛି। ରଣପୁର ଅବକାରୀ ବିଭାଗ ର ଅପାର ଗତା ପାଇଁ ଅଞ୍ଚଳର ଯୁବଗୋଷ୍ଠୀ ବ୍ରାଉନସୁଗାର କବଳରେ ଉବୁଟୁବୁ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଯାହାକୁ ସେବନ କରିବା ଦ୍ୱାରା ଅଞ୍ଚଳରେ ସାମାଜିକ ଅସ୍ଥିରତା ସୃଷ୍ଟି କରିବା ସାଙ୍ଗକୁ ଅନେକ ପରିବାର ସର୍ବସ୍ୱାନ୍ତ ହେଇପଡୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ଆଜି ଐତିହାସିକ ରଣପୁର ରଣା ତଳଗାମୀ ହେବାକୁ ବସିଛି। ଏହା ଉପରେ ଜିଲ୍ଲା ପ୍ରଶାସନ ମଧ୍ୟ ନିରବ ରହିଥିବା ମଧ୍ୟ ଦେଖିବାକୁ ମିଳୁଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ କରାଯାଉଥିଲେ ମଧ୍ୟ ରଣପୁର ଅବକାରୀ ବିଭାଗ ସମ୍ପୂର୍ଣ୍ଣ ନିରବ ଦ୍ରଷ୍ଟା ସାଜିଛି। ସେହିପରି ଗଳି କନ୍ଦି ରେ ଚୋରା ଦେଶୀ ମଦ ବିକ୍ରି ହେଉଛି ସୁର୍କାବାଡ଼ି, କାସନ୍ଦା ଓ ଖଡିଆ ପଞ୍ଚାୟତ ର ମହୁଲିଆ ନରସିଂହପୁର ରେ ପ୍ରଚୁର ଚୋରା ଦେଶୀ ମଦ ରନ୍ଧା ହୋଇ ବିକ୍ରି ହେଉଛି। ରଣପୁର ଅବକାରୀ ମାସିକିଆ ଚାନ୍ଦା ନେଇ ସମ୍ପୂର୍ଣ୍ଣ ଭାବେ ନିରବ ରହିଥିବା ନେଇ ଅଭିଯୋଗ ହେଉଛି। ରଣପୁର ଅବକାରୀ ବିଭାଗ ର ଜଣେ ପୁରୁଣା କର୍ମଚାରୀ ମାସିକିଆ ଚାନ୍ଦା ନେଇ ଚୋରା ବେପାରୀ ଙ୍କୁ ପୋତ୍ସାହନ ଦେଉଥିବା ନେଇ ଅଭିଯୋଗ ହେଉଛି। କେବେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କ ନିଦ ଭାଙ୍ଗୁଛି ଏବଂ ଏହା ଉପରେ ଦୁଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛନ୍ତି ତାହା ଏବେ ଅଞ୍ଚଳବାସୀ ଦାବି କରିଛନ୍ତି। ପୁରୁଣା କର୍ମଚାରୀ ଙ୍କୁ ବଦଳି କରାଯାଉ ଓ ଚୋରା ଦେଶୀ ମଦ ଓ ଧଳା ଜହର କୁ ରଣପୁର ରେ ବନ୍ଦ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।



## କାହିଁକି ଭାରତରୁ ମୁହଁ ଫେରାଉଛନ୍ତି ବିଦେଶୀ ନିବେଶକ, କିପରି ସମ୍ଭବ ହେବ ୮% ଅଭିବୃଦ୍ଧି; ସରକାରଙ୍କୁ କ'ଣ ପରାମର୍ଶ ଦେଲେ ସୁରଜିତ୍ ଭଲ୍ଲା



ନୂଆଦିଲ୍ଲୀ: ଖ୍ୟାତନାମା ଅର୍ଥଶାସ୍ତ୍ରୀ ତଥା ଲେଖକ ସୁରଜିତ ଭଲ୍ଲା ଭାରତର ଅର୍ଥନୀତି ସଂସ୍କାର ଉପରେ ଜୋର ଦେଇଛନ୍ତି । ସେ କହିଛନ୍ତି, ଭାରତର ସୁଦୃଢ଼ ଅର୍ଥନୈତିକ ସ୍ଥିତି ଭାରତୀୟ ମୁଦ୍ରାକୁ ଅଧିକ ଶକ୍ତିଶାଳୀ କରିପାରିବ । ଏଥିସହିତ ଦେଶରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବାଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଗତିଶୀଳ କରିବା ପାଇଁ ନୀତିଗତ ସଂସ୍କାରର ଆବଶ୍ୟକତା ରହିଛି ।

ସମ୍ବାଦ ସରବରାହ ସଂସ୍ଥା ଏଏନଆଇକୁ ଦେଇଥିବା ସାକ୍ଷାତକାରରେ ଭଲ୍ଲା କହିଛନ୍ତି, ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଏବଂ ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଯୋଗୁଁ ଟଙ୍କାର ସ୍ଥିତି ମଜବୁତ ରହିବା କଥା । ସେ କହିଛନ୍ତି, 'ଟଙ୍କାର ସ୍ଥିତି ଏହାର ମୂଲ୍ୟ ବୃଦ୍ଧି ସପକ୍ଷରେ ଅଛି, ଅବମୂଲ୍ୟାୟନ ବା ଡେପ୍ରିସିଏସନ ପାଇଁ ନୁହେଁ ।' ସେ ସ୍ପଷ୍ଟ କହିଛନ୍ତି ଯେ ଦେଶରେ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ ପୁଞ୍ଜି ନିବେଶର ଅଭାବ ଏକ ମୁଖ୍ୟ ସମସ୍ୟା ପାଲଟିଛି ।

ଭଲ୍ଲା କହିଛନ୍ତି ଯେ ନୀତିଗତ ଅନିଶ୍ଚିତତା ଯୋଗୁଁ ନିବେଶକମାନେ ନିରୁତ୍ସାହିତ ଅଛନ୍ତି । ଫଳରେ ଏହା ଟଙ୍କା ଉପରେ ପ୍ରଭାବ ପକାଉଛି । ତୁରନ୍ତ ନୀତିଗତ ସଂସ୍କାର ଆଣିବାକୁ ଦାବି କରି ଭଲ୍ଲା ସରକାରଙ୍କୁ ଅତୀତରୁ ପ୍ରଭାବିତ ହେଉଥିବା ଟିକସ ବ୍ୟବସ୍ଥାକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ସେ ଏଭଳି ବ୍ୟବସ୍ଥାକୁ ନୀତିଗତ ଭାବେ ସମ୍ପୂର୍ଣ୍ଣ ଭୁଲ ବୋଲି ଦର୍ଶାଇଛନ୍ତି । ଏହାଦ୍ୱାରା ନିବେଶକଙ୍କ ଆତ୍ମବିଶ୍ୱାସ ହ୍ରାସ ପାଏ ଏବଂ ବେସରକାରୀ ପୁଞ୍ଜି ନିବେଶ ବାଧାପ୍ରାପ୍ତ ହୁଏ ବୋଲି ସେ ଯୁକ୍ତି ଦେଇଛନ୍ତି ।

ଏହା ସହିତ ସେ ବିଦେଶୀ ନିବେଶକଙ୍କ ଉପରୁ, ବିଶେଷ କରି କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ କମାଇବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଭଲ୍ଲାଙ୍କ ଅନୁସାରେ, ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଅର୍ଥନୀତିଗୁଡ଼ିକ ତୁଳନାରେ ଭାରତରେ ବିଦେଶୀ ନିବେଶକଙ୍କ ପାଇଁ ଟିକସ ହାର ବହୁ ଅଧିକ, ଯାହା ଦେଶକୁ ବିଦେଶୀ ନିବେଶକୁ କମ୍ ଆକର୍ଷଣ କରୁଛି ।

ସେ କହିଛନ୍ତି, 'ବିଦେଶୀ ନିବେଶକଙ୍କ ଉପରେ ଆମର ଟ୍ୟାକ୍ସ ରେଟ୍ ବହୁତ ଅଧିକ । ଆପଣ ସେମାନଙ୍କୁ ଆକର୍ଷିତ କରିବାକୁ ଚାହୁଁଛନ୍ତି, ଆମକୁ ସେମାନଙ୍କର ଆବଶ୍ୟକତା ରହିଛି ।' ଗିଫ୍ଟ ସିଟିକୁ ଏକ ଆନ୍ତର୍ଜାତୀୟ ଆର୍ଥିକ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଚେଷ୍ଟା କରାଯାଉଥିଲେ ମଧ୍ୟ କ୍ୟାପିଟାଲ ଗେନ୍ସ ଉପରେ ଅଧିକ ଟିକସ ହେତୁ ଏହି ଯୋଜନା ସଫଳତା ପାଇନାହିଁ । କୃଷି କ୍ଷେତ୍ର ଉପରେ ଭଲ୍ଲା କହିଛନ୍ତି, ବାଣିଜ୍ୟ କାରବାରକୁ ଅଧିକ ମୁକ୍ତ କରାଯିବା ସହ ପୂର୍ବ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ କୃଷି ସଂସ୍କାରଗୁଡ଼ିକୁ ଲାଗୁ କରାଯିବା ଦରକାର । ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ କୃଷି ସଂସ୍କାର ଜରୁରୀ । ଭଲ୍ଲା ଏହା ମଧ୍ୟ କହିଛନ୍ତି ଯେ କ୍ଷୁଦ୍ର ଚାଷୀଙ୍କ ବଦଳରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ କୃଷି କ୍ଷେତ୍ରର ବାଣିଜ୍ୟିକ ସଂସ୍କାରରେ ବାଧା ସୃଷ୍ଟି କରୁଛନ୍ତି । ଭାରତର ଅଭିବୃଦ୍ଧି ଉପରେ ଆଲୋକପାତ କରି ଭଲ୍ଲା କହିଛନ୍ତି, ଭାରତୀୟ ଅର୍ଥନୀତି ବର୍ତ୍ତମାନର ପ୍ରାୟ ୬ ପ୍ରତିଶତ ଅଭିବୃଦ୍ଧି ହାର ତୁଳନାରେ ଅଧିକ ଦ୍ରୁତ ଗତିରେ ବଢ଼ିବା କଥା । ସେ କହିଛନ୍ତି, 'ଏହା ଏହାଠାରୁ ବହୁତ ଅଧିକ ହେବା ଉଚିତ... ଆମର ପ୍ରକୃତ ସମ୍ଭାବ୍ୟ ଅଭିବୃଦ୍ଧି ହାର ୮ ପ୍ରତିଶତ ପାଖାପାଖି ଅଟେ ।' ଭାରତ ଅଧିକ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ପାଇଁ ଢାଞ୍ଚାଗତ ସଂସ୍କାର ଆବଶ୍ୟକତା କରୁଛି ।

## ଦେହବେପାରକୁ ଉଚ୍ଛେଦ କରିବା ଆମର ଲକ୍ଷ୍ୟ ନୁହେଁ, ଆଇନ କେବଳ ଏହାର ବ୍ୟବସାୟିକରଣକୁ ବିରୋଧ କରିଥାଏ: ସୁପ୍ରିମକୋର୍ଟ





ନୂଆଦିଲ୍ଲୀ: ୭୦ ବର୍ଷ ପୁରୁଣା ଅନୈତିକ ବ୍ୟାପାର ନିବାରଣ ଆଇନ (ଆଇଟିପିଏ) ଉପରେ ବିସ୍ତୃତ ବିଚାର-ବିମର୍ଶ ପରେ, ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ, ଏହି ଆଇନର ପ୍ରାଥମିକ ଉଦ୍ଦେଶ୍ୟ ଦେହବେପାରକୁ ଉଚ୍ଛେଦ କରିବା କିମ୍ବା ଏହାକୁ ଅପରାଧୀକରଣ କରିବା ନୁହେଁ, ବରଂ ଏହାର ବ୍ୟବସାୟିକରଣକୁ ରୋକିବା ଅବା ଦୂର କରିବା।

ସଂଗଠିତ ଜୀବିକା ନିର୍ବାହର ଏକ ଉପାୟ ଭାବରେ ଏହାକୁ ରୋକିବା ଆମର ଲକ୍ଷ୍ୟ ବୋଲି ବିଚାରପତି ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ବେଶ୍ୟାଳୟରୁ ଉଦ୍ଧାର ହୋଇଥିବା ମହିଳାମାନଙ୍କ ପୁନର୍ବାସ ପ୍ରସଙ୍ଗ ଉପରେ ବିଚାର କରିବା ସମୟରେ, ଖଣ୍ଡପୀଠ ୧୯୫୬ ଆଇନର ବିଶ୍ଳେଷଣ କରି କହିଥିଲେ ଯେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ଦେହବେପାର ପାଇଁ ମହିଳାମାନଙ୍କୁ ଚାଲାଣ କରିବା ଏକ ସାଧାରଣ ଘଟଣା ଥିଲା ଏବଂ ଏହାକୁ ଅନୈତିକ ବୋଲି ବିବେଚନା କରାଯାଉଥିଲା, ତେଣୁ ଏହି ଶବ୍ଦଟି ଆଇନ ସହିତ ଯୋଡ଼ି ହୋଇଯାଇଥିଲା।

ଦେହବେପାର ଉପରେ ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, ପୁଲିସ ସ୍ୱେଚ୍ଛାସେବୀ ଯୌନ କର୍ମୀଙ୍କ ମାମଲାରେ ହସ୍ତକ୍ଷେପ କରିବା କିମ୍ବା ସେମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ନିବୃତ୍ତ ରହିବା ଉଚିତ। ଯୌନ କର୍ମୀମାନଙ୍କୁ ଗିରଫ, ଦଣ୍ଡିତ କିମ୍ବା ହଇରାଣ କରାଯିବା ଉଚିତ୍ ନୁହେଁ ଏବଂ ପୁଲିସ ଚଢାଉ ସମୟରେ ସେମାନଙ୍କ ପରିଚୟ ଗୋପନ ରଖାଯିବା ଉଚିତ। ବୟସ୍କ ଯୌନ କର୍ମୀମାନଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ ଅଟକ ରଖାଯାଇପାରିବ ନାହିଁ କିମ୍ବା ଉଦ୍ଧାର କରାଯାଇ ସୁରକ୍ଷିତ ହେପାଜତରେ ରଖାଯାଇପାରିବ ନାହିଁ। କୋର୍ଟ ଯୌନ କର୍ମୀଙ୍କ ପସନ୍ଦକୁ ସମ୍ମାନ ଦେଇ ସେମାନଙ୍କର ଥଇଥାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

## ମହଙ୍ଗା ମାଡ଼େର ଆକ୍ତାମାକ୍ତା ହେବେ ଖାଉଟି, ପେଟ୍ରୋଲ ଏବଂ ଡିଜେଲ ପରେ ବଢ଼ିଗଲା ଗ୍ୟାସ୍ ଦର

ନୂଆଦିଲ୍ଲୀ: ପେଟ୍ରୋଲ, ଡିଜେଲ ଏବଂ ଉଘଏ ର ମୂଲ୍ୟ ବୃଦ୍ଧି ପରେ ତୈଳ କମ୍ପାନୀଗୁଡ଼ିକ ଏବେ ଖଚଏ ସିଲିଣ୍ଡରର ମଧ୍ୟ ଦର ବୃଦ୍ଧି କରିଛନ୍ତି। ବାଣିଜ୍ୟିକ ଖଚଏ ସିଲିଣ୍ଡରର ମୂଲ୍ୟ ପ୍ରତି ସିଲିଣ୍ଡର ପିଛା ୪୨ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୫ କିଲୋଗ୍ରାମ ଫ୍ରି ଟ୍ରେଡ୍ ଖଚଏ (ରଞ୍ଜଖ) ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧ ଟଙ୍କା ବୃଦ୍ଧି ପାଇଛି। ଦିଲ୍ଲୀରେ ଏହାର ମୂଲ୍ୟ ବର୍ତ୍ତମାନ ୮୨୧.୫୦ରେ ପହଞ୍ଚିଛି। ସେହିପରି ୧୯ କେଜି ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ପ୍ରତି ସିଲିଣ୍ଡର ପିଛା ୩୧୧୩.୫୦ରେ ପହଞ୍ଚିଛି। କୋଲକାତାରେ ୧୯ କେଜି ବାଣିଜ୍ୟିକ ଖଚଏ ସିଲିଣ୍ଡରର ମୂଲ୍ୟ ପ୍ରତି ସିଲିଣ୍ଡର ପିଛା ୩୨୫୫.୫୦ରେ ପହଞ୍ଚିଛି। ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ୧୪.୨ କେଜି ଖଚଏ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ସିଧାସଳଖ ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ବିବାହ ଏବଂ ପାର୍ଟି ପାଇଁ କ୍ୟାଟରିଂ ସେବା ପ୍ରଦାନକାରୀ ଏବଂ ଖାଦ୍ୟ ବ୍ୟବସାୟ ସହିତ ଜଡିତ ଅନ୍ୟ ଉଦ୍ୟୋଗୀଙ୍କ ବଜେଟ୍ ଉପରେ ପ୍ରଭାବ ପକାଇବ। ସେମାନେ ଏହି ବର୍ଦ୍ଧିତ ଖର୍ଚ୍ଚ ଗ୍ରାହକଙ୍କ ଉପରେ ଲଦି ଦେଇପାରନ୍ତି। ଯାହା ଫଳରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଖାଇବା ମହଙ୍ଗା ହୋଇପାରେ।

ଏହା ପୂର୍ବରୁ, ମେ ୧ ତାରିଖରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଖଚଏ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଥିଲା। ସେହି ସମୟରେ, ତୈଳ କମ୍ପାନୀଗୁଡ଼ିକ ଏହାର ଦରରେ ୯୯୩ ଟଙ୍କା ବୃଦ୍ଧି କରିଥିଲେ। ଫଳସ୍ୱରୂପ, ଦିଲ୍ଲୀରେ ଏକ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୨,୦୭୮.୫୦ ରୁ ୩,୦୭୧.୫୦କୁ ବୃଦ୍ଧି ପାଇଥିଲା। ୫ କିଲୋଗ୍ରାମ 'ଛୋଟୁ' ସିଲିଣ୍ଡରର ମୂଲ୍ୟ ମଧ୍ୟ ୨୬୧ ବୃଦ୍ଧି କରାଯାଇଥିଲା। ରବିବାର ଦିନ, ସରକାର ପେଟ୍ରୋଲ, ଡିଜେଲ ଏବଂ ବିମାନ ଇନ୍ଧନ ଉପରେ ରପ୍ତାନି ଶୁଳ୍କ ହ୍ରାସ ଘୋଷଣା କରିଥିଲେ। ଆଜିଠାରୁ ନୂତନ ଦର କାର୍ଯ୍ୟକାରୀ ହୋଇଛି।

## ଛୋଟ ପିଲାଙ୍କ ପାଇଁ ସୋସିଆଲ ମିଡିଆ ନିଷେଧ କଲା ମାଲେସିଆ



କୁଆଲାଲମ୍ପୁର: ମାଲେସିଆ ସୋମବାର ଦିନ ଏକ ନୂତନ ନିୟମ ଲାଗୁ କରିଛି। ୧୬ ବର୍ଷରୁ କମ୍ ବୟସର ପିଲାମାନେ ଆଉ ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରିପାରିବେ ନାହିଁ। ଫେସବୁକ୍, ଇନଷ୍ଟାଗ୍ରାମ୍, ଟିକଟକ୍ ଏବଂ ୟୁଟ୍ୟୁବ୍ ସମେତ ସମସ୍ତ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବା ପୂର୍ବରୁ ବୟସ ଯାଞ୍ଚ ଆବଶ୍ୟକ। ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଆକାଉଣ୍ଟ ତିଆରି କରିବା ନିଷେଧ। ଏହି ସରକାରୀ ନିୟମ ଉଲ୍ଲଂଘନ କରୁଥିବା କମ୍ପାନିଗୁଡ଼ିକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଏହି ନୂତନ ନିୟମ ଅନୁଯାୟୀ, ଯଦି ପିଲାମାନେ କୌଣସି ପ୍ରକାରେ ଆକାଉଣ୍ଟ ତିଆରି କରିବାରେ ସଫଳ ହୁଅନ୍ତି, ତେବେ ସେମାନଙ୍କ ପିତାମାତାଙ୍କୁ ଦଣ୍ଡ ଦିଆଯିବ ନାହିଁ। ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଲକ୍ଷ୍ୟ ହେଉଛି ପିଲାମାନଙ୍କୁ କ୍ଷତିକାରକ ବିଷୟବସ୍ତୁ, ସାଇବର ଧମକ ଏବଂ ଅତ୍ୟଧିକ ଅନଲାଇନ୍ ଖର୍ଚ୍ଚ ଅଭ୍ୟାସରୁ ରକ୍ଷା କରିବା। ସରକାର କହିଛନ୍ତି ଯେ, ଆମେ ପିଲାମାନଙ୍କୁ ଇଣ୍ଟରନେଟ୍ ଠାରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରୁନାହୁଁ, ବରଂ ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚାହୁଁଛୁ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ଏପରି ବୈଶିଷ୍ଟ୍ୟ ବିକଶିତ କରିବାକୁ ପଡିବ ଯାହା ପିଲାମାନଙ୍କୁ କ୍ଷତିକାରକ ବିଷୟବସ୍ତୁରୁ ରକ୍ଷା କରିବ। ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କୁ କିଛି ସମୟ ମଧ୍ୟ ଦିଆଯାଇଛି।

ସୋସିଆଲ ମିଡିଆରେ ଥିବା ବିଷୟବସ୍ତୁ ଯୋଗୁଁ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କର ମାନସିକ ବିକାଶ ଅନେକ ଭାବରେ ପ୍ରଭାବିତ ହୋଇଥାଏ। ଏପରି ପରିସ୍ଥିତିରେ, ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଦେଶରେ ୧୦ ଡିସେମ୍ବର ୨୦୨୫ ରୁ, ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ଦ୍ୱାରା ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଅଷ୍ଟ୍ରେଲିଆରେ, ଇନଷ୍ଟାଗ୍ରାମ, ଫେସବୁକ୍, ସ୍ନାପଚଟ୍, ଟିକଟକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ବୟସର ପିଲାମାନଙ୍କର ସମସ୍ତ ଆକାଉଣ୍ଟ ବନ୍ଦ କରିଦିଆଯାଇଥିଲା। ଏହା ବ୍ୟତୀତ, ବ୍ରାଜିଲ ଏବଂ ଇଣ୍ଡୋନେସିଆରେ ମଧ୍ୟ ୧୬ ବର୍ଷ ବୟସର ପିଲାମାନଙ୍କ ପାଇଁ ସମାନ କଠୋରତା ବଜାୟ ରଖାଯାଇଛି।

## ଶୁଭେନ୍ଦୁ ସରକାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ, ଶପଥ ନେଲେ ୩୫ ଜଣ ମନ୍ତ୍ରୀ

କୋଲକତା : ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀ ସରକାରରେ କ୍ୟାବିନେଟ ବିସ୍ତାର କରିଛି । ରାଜ୍ୟରେ ପ୍ରଥମ ଥର ପାଇଁ ଶାସନ କରୁଥିବା ବିଜେପି କ୍ୟାବିନେଟ ଚୟନରେ ପ୍ରତ୍ୟେକ ବର୍ଗକୁ ପ୍ରାଧାନ୍ୟ ଦେଇଛି । ଶୁଭେନ୍ଦୁ ସରକାରଙ୍କ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ହୋଇଛି । ୩୫ ଜଣ ନୂଆ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

କୋଲକତାର ଲୋକ ଭବନଠାରେ ରାଜ୍ୟପାଳ ଆର.ଏନ. ରବି ସମସ୍ତ ୩୫ ଜଣ ନୂଆ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ସମ୍ପ୍ରସାରଣରେ ଅର୍ଜୁନ ସିଂ, ଶଙ୍କର ଘୋଷ, ତାପସ ରାୟ, ମନୋଜ କୁମାର ଓରାଓଁ ଏବଂ ସ୍ୱପନ ଦାସଗୁପ୍ତାଙ୍କ ଭଳି ପ୍ରମୁଖ ନେତାମାନେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

ଏହି ନୂଆ ମନ୍ତ୍ରୀଙ୍କ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳର ମୋଟ ସଦସ୍ୟ ସଂଖ୍ୟା ୬ ରୁ ୪୧ କୁ ବୃଦ୍ଧି ପାଇଛି । ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ସର୍ବାଧିକ ୪୪ ଜଣ ମନ୍ତ୍ରୀ ରହିପାରିବେ । ଶପଥ ନେଇଥିବା ୩୫ ଜଣଙ୍କ ମଧ୍ୟରୁ ୧୩ ଜଣ କ୍ୟାବିନେଟ ମନ୍ତ୍ରୀ, ୩ ଜଣ ସ୍ୱାଧୀନ ଦାୟିତ୍ୱ ବିଶିଷ୍ଟ ରାଷ୍ଟ୍ରମନ୍ତ୍ରୀ ଏବଂ ୧୯ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ପାଇଛନ୍ତି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ଏବଂ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ପ୍ରାୟ ତିନି ସପ୍ତାହ ପରେ ଏହି ବଡ଼ ଧରଣର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି ।

ମେ' ୯ରେ ବ୍ରିଗେଡ୍ ପରେଡ ଗ୍ରାଉଣ୍ଡରେ ପ୍ରଧାନ ମନ୍ତ୍ରୀଙ୍କ ଉପସ୍ଥିତିରେ ଶୁଭେନ୍ଦୁ ଅଧିକାରୀ ଓ ଅନ୍ୟ ୫ ଜଣ ମନ୍ତ୍ରୀ ଶପଥ ନେଇଥିଲେ । ବର୍ତ୍ତମାନ ମନ୍ତ୍ରିମଣ୍ଡଳ ବିସ୍ତାର ମାଧମରେ ସରକାର ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗତିଶୀଳ କରିପାରିବେ ।

## ଆଇଆର୍‌ଜିସି ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କଲା ଘାତକ ସାମୁଦ୍ରିକ ଅସ୍ତ୍ର ୨୭-ରଜବ: ବଢ଼ିଲା ଆମେରିକାର ଚିନ୍ତା



ତେହେରାନ: ଆମେରିକା ସହିତକୂଟନୈତିକଆଲୋଚନାରେ ଜାରି ରହିଥିବା ବେଳେ, ଇରାନ ମଧ୍ୟ ନିଜର ସାମରିକ ପ୍ରସ୍ତୁତିକୁ ଜୋରଦାର୍ କରିଛି। ଇରାନ ବିଶ୍ୱ ସମ୍ମୁଖରେ ଏକ ଏପରି ଅସ୍ତ୍ରଉପସ୍ଥାପିତ କରିଛି ଯାହା ଆମେରିକା ସେନାର ଚିନ୍ତାକୁ ବୃଦ୍ଧି କରିଛି। ଇରାନର ଏଲିଟ୍ ଫୋର୍ସ, ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ (ଆଇଆର୍‌ଜିସି)ବିଶ୍ୱ ସମ୍ମୁଖରେ ଏକ ନୂତନ ହାଇ-ସ୍ପିଡ୍ ମିସାଇଲ୍ ଡଙ୍ଗା ପ୍ରଦର୍ଶନ କରିଛି। ୨୭-ରଜବ ନାମକ ମିସାଇଲ୍‌ରେ ସଜ୍ଜିତ ଏହି ଡଙ୍ଗା ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ତେହେରାନର ଏନକିଲାବ ସ୍କୋୟାରରେ ଆୟୋଜିତ ଏକ ସାର୍ବଜନୀନ ସମାରୋହରେ ଇରାନର ଏହି ଘାତକ ଅସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଡଙ୍ଗା ଦୀର୍ଘ ଦୂରଗାମୀ ଆକ୍ରମଣ କ୍ଷମତା ରହିଛି। ଇରାନୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୨୭-ରଜବ ଡଙ୍ଗାଟି ୧୦୦ ନଟ୍ ବେଗରେ ଅର୍ଥାତ୍ ଘଣ୍ଟା ପ୍ରତି ପ୍ରାୟ ୧୮୫ କିଲୋମିଟର ବେଗରେ ସମୁଦ୍ରରେ ଯାତ୍ରା କରିପାରିବ।

ସମୁଦ୍ର-ଭିତ୍ତିକ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବାର ଏହାର କ୍ଷମତା ଏହାକୁ ଅତ୍ୟନ୍ତ ବିପଦପୂର୍ଣ୍ଣ କରିଛି। ରିପୋର୍ଟ ଅନୁସାରେ ଏହା ୭୦୦ କିଲୋମିଟର ଦୂରତା ସହିତ ଦୁଇଟି ସମୁଦ୍ରରୁ ନିକ୍ଷେପ କରାଯାଉଥିବା କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟ ବହନ କରିପାରିବ। ଏହି ଡଙ୍ଗାଟି ଏକ ଟ୍ରାଇମରନ୍ ହୁଲ୍ ଡିଜାଇନ୍ ଉପରେ ନିର୍ମିତ, ଯାହା ଏହାକୁ ତିନି ମିଟର ଉଚ୍ଚତା ପର୍ଯ୍ୟନ୍ତ ସମୁଦ୍ର ତରଙ୍ଗରେ କାର୍ଯ୍ୟ ଜାରି ରଖିବାକୁ ସକ୍ଷମ କରିଥାଏ ବୋଲି ଦାବି କରାଯାଇଛି। ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏହି ଡଙ୍ଗାକୁ ଦେଶର ସାମୁଦ୍ରିକ ସାମରିକ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ବର୍ଣ୍ଣନା କରିଛି। ଇରାନର ସାମୁଦ୍ରିକ ରଣନୀତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ଡଙ୍ଗା ପାରସ୍ୟ ଉପସାଗରରେ ତେହେରାନର ସ୍ଥିତିକୁ ସୁଦୃଢ଼ କରିଛି।

## ଇରାନରେ ଆଭ୍ୟନ୍ତରୀଣ ଉତ୍ତେଜନା ! ସେନା ହାତକୁ ଚାଲିଗଲା ସବୁ ପାୱାର, ଇସ୍ତଫାପତ୍ର ପଠାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଚାଲିଥିବା ବେଳେ ଇରାନ ରାଜନୀତିରେ ଫାଟ। ଶାନ୍ତି ଆଲୋଚନା ନେଇ ନିଷ୍କର୍ସ ଖୋଜା ଚାଲିଥିବା ବେଳେ ଇରାନ ଭିତରେ ମଧ୍ୟ ଆଭ୍ୟନ୍ତରୀଣ ଉତ୍ତେଜନା ଜାରି ରହିଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସୁପ୍ରିମକୋର୍ଟରେ ତାଙ୍କ ଇସ୍ତଫା ଦାଖଲ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଇରାନୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଇରାନ ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁସାରେ ପେଜେସ୍କିଆନ ତାଙ୍କ ଚିଠିରେ କହିଛନ୍ତି ଯେ ତାଙ୍କ ପ୍ରଶାସନକୁ ପ୍ରମୁଖ ନିଷ୍ପତ୍ତି ନେବାରେ ଜଡିତ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି। ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ମଧ୍ୟରେ କଠୋରପନ୍ଥୀ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିୟନ୍ତ୍ରଣ ହାସଲ କରିଛନ୍ତି। ଇସ୍ତଫା ପତ୍ରରେ ପେଜେସ୍କିଆନ ଲେଖିଛନ୍ତି ଯେ, ଏପରି ପରିସ୍ଥିତିରେ, ସେ ପ୍ରଭାବଶାଳୀ ଭାବରେ ଶାସନ କରିପାରିବେ ନାହିଁ କିମ୍ବା ତାଙ୍କର ସାମ୍ବିଧାନିକ ଦାୟିତ୍ୱ ପୂରଣ କରିପାରିବେ ନାହିଁ। ଫଳସ୍ୱରୂପ, ସେ ତୁରନ୍ତ ରାଷ୍ଟ୍ରପତି ପଦ ଛାଡିବାକୁ ଅନୁରୋଧ କରିଛନ୍ତି। ସର୍ବୋଚ୍ଚ ନେତା ମୋଜତାବା ଖାମେନିଙ୍କ କାର୍ଯ୍ୟାଳୟ ଏହି ଇସ୍ତଫା ଗ୍ରହଣ କରିବ କି ନାହିଁ ତାହା ସ୍ପଷ୍ଟ ନୁହେଁ। ତଥାପି, ଇରାନ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ଇସ୍ତଫା ସମ୍ପର୍କିତ ଏହି ରିପୋର୍ଟଗୁଡ଼ିକୁ ଭିତ୍ତିହୀନ। ରାଷ୍ଟ୍ରପତି କାର୍ଯ୍ୟାଳୟର ଯୋଗାଯୋଗ ଏବଂ ସୂଚନା ପ୍ରସାରଣର ଉପମୁଖ୍ୟ ସେୟଦ ମେହଦି ତାବାତାବାଇ କହିଛନ୍ତି, 'ରାଷ୍ଟ୍ରପତି ପଦବୀ ସମ୍ପର୍କରେ ଦିଆଯାଇଥିବା ଭିତ୍ତିହୀନ ଏବଂ ବିବାଦୀୟ ମନ୍ତବ୍ୟକୁ ଗମ୍ଭୀରତାର ସହ ନିଆଯିବା ଉଚିତ୍ ନୁହେଁ। ପିଲାଳିଆମି ଆଚରଣରୁ ସୃଷ୍ଟି ହୋଇଥିବା ଏକ ମିଥ୍ୟା କାହାଣୀ। ଯୁବପିଢ଼ି ଦେଶକୁ ଶାସନ କରିବାର କ୍ଷମତାର ଅଭାବ ରଖିଛନ୍ତି। ଇରାନ ହେଉଛି ଏକ ବୁଦ୍ଧିମାନ ଯୁବକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରାଷ୍ଟ୍ର ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର ଉତ୍କୃଷ୍ଟ ପରିଚାଳନାଗତ କ୍ଷମତା ପ୍ରଦର୍ଶନ କରିବାର ସୁଯୋଗ ପାଇନାହାଁନ୍ତି।' ଇସ୍ତଫାର ରିପୋର୍ଟକୁ ଖାରଜ କରି ସେ ଆହୁରି କହିଛନ୍ତି, 'ଏକ ବିଦେଶୀ ନେଟୱାର୍କ ଦ୍ୱାରା ଗୁଜବ ପ୍ରସାରଣ କରାଯାଇଛି।






# ଆରସିବିର ହେବନି ବିଜୟ ଶୋଭାଯାତ୍ରା

ବେଙ୍ଗାଲୁରୁ: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଚଳିତ ଆଇପିଏଲ୍ ୨୦୨୬ରେ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ପରାସ୍ତ କରି ଦଳ ଟ୍ରଫି ହାତେଇଛି। ଆରସିବିର ଏହି ସେଲିବ୍ରେସନକୁ ନେଇ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବା ବେଳେ, ଦଳର ବିଜୟ ଶୋଭାଯାତ୍ରା ବା 'ଭିକ୍ଟ୍ରି ପରେଡ୍'କୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି।



ନ୍ୟୁଜ୍ ଏଜେନ୍ସି 'ପିଟିଆଇ'ର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ବେଙ୍ଗାଲୁରୁ ସହରରେ ଆରସିବି ଦଳ ପକ୍ଷରୁ କୌଣସି ବିଜୟ ଶୋଭାଯାତ୍ରା କରାଯିବ ନାହିଁ। ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଏହା ଉପରେ ରୋକ୍ ଲଗାଯାଇଛି। ପ୍ରଶଂସକମାନଙ୍କୁ ବାହାରକୁ ନଆସି ନିଜ ନିଜ ଘର ଭିତରେ ହିଁ ଦଳର ବିଜୟ ଉତ୍ସବ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ୨୦୨୫ ମସିହାରେ ଯେତେବେଳେ ଆରସିବି ପ୍ରଥମ ଥର ପାଇଁ ଆଇପିଏଲ୍ ଟ୍ରଫି ଜିତିଥିଲା, ସେତେବେଳେ ବେଙ୍ଗାଲୁରୁ ରାସ୍ତାରେ ଲକ୍ଷ ଲକ୍ଷ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ସେହି ବିଜୟ ଶୋଭାଯାତ୍ରା ସମୟରେ ହଠାତ୍ ଅଣାୟତ୍ତ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୧ ଜଣ ପ୍ରଶଂସକଙ୍କ ଜୀବନ ଯାଇଥିଲା ଏବଂ ଅନେକ ଗୁରୁତର ଆହତ ହୋଇଥିଲେ। ଗତବର୍ଷର ସେହି ଭୟାବହ ଦୁର୍ଘଟଣାରୁ ଶିକ୍ଷା ନେଇ ଚଳିତ ବର୍ଷ ପୋଲିସ ଓ ପ୍ରଶାସନ କୌଣସି ପ୍ରକାରର ବିପଦ ନେବାକୁ ଚାହୁଁନାହାନ୍ତି। ଭିକ୍ଟ୍ରି ପରେଡ୍ ବାତିଲ ହେବା ପଛରେ କେବଳ ଗତବର୍ଷର ଦୁର୍ଘଟଣା ନୁହେଁ, ବରଂ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି ମଧ୍ୟ ଜଡ଼ିତ ରହିଛି। କର୍ଣ୍ଣାଟକର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଶପଥ ଗ୍ରହଣ ସମାରୋହ 'ଲୋକ ଭବନ'ରେ ଆୟୋଜିତ ହେବାକୁ ଯାଉଛି। ରାଜ୍ୟପାଳଙ୍କ ବାସଭବନ ଏବଂ ଏହି ଭେନ୍ୟୁଟି ଚିନ୍ନାସ୍ୱାମୀ ଷ୍ଟାଡିୟମର ବହୁତ ନିକଟରେ ଅବସ୍ଥିତ।ଶପଥ ଗ୍ରହଣ ଉତ୍ସବ ପାଇଁ ସାରା ରାଜ୍ୟରୁ ହଜାର ହଜାର ସମର୍ଥକ ଓ ବହୁ ବିଶିଷ୍ଟ ବ୍ୟକ୍ତି ସହରକୁ ଆସିବେ। ଏହି ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମ ପାଇଁ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ ହେବାକୁ ଥିବାରୁ, କ୍ରିକେଟ୍ ସେଲିବ୍ରେସନ ପାଇଁ ଅଲଗା ସୁରକ୍ଷା ଯୋଗାଇବା ପୋଲିସ ବିଭାଗ ପାଇଁ ସମ୍ଭବ ନୁହେଁ। ଆରସିବି ସୂତ୍ରରୁ ସୂଚନା ବେଙ୍ଗାଲୁରୁ ସହରରେ ସର୍ବସାଧାରଣରେ କୌଣସି ବଡ଼ ଧରଣର ଜଶ୍ନ ମନାଇବାର ସମ୍ଭାବନା ନାହିଁ। ପ୍ରଶାସନ ପକ୍ଷରୁ କିଛି ନିୟମାବଳୀ ଜାରି କରାଯାଇଛି ଏବଂ ଆମକୁ ସେହି ଗାଇଡ୍‌ଲାଇନ୍ ମାନିବାକୁ ପଡ଼ିବ।

# ଭାବପ୍ରବଣ ପାଟିଦାର



ଅହମଦାବାଦ: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ ୨୦୨୬ ଟାଇଟଲ ଜିତିଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁଜୁରାଟ ଟାଇଟନ୍ସକୁ ବେଙ୍ଗାଲୁରୁ ୫ ୱିକେଟରେ ପରାସ୍ତ କରି ଟାଇଟଲ ଜିତିଛି। ଏହା ଆରସିବିର ଲଗାତାର ଦ୍ୱିତୀୟ ଟାଇଟଲ ଏବଂ ଉଭୟ ଥର ରଜତ ପତିଦାରଙ୍କ ନେତୃତ୍ୱରେ ହୋଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ଜିତିବା ପରେ ପାଟିଦାର ବହୁତ ଭାବପ୍ରବଣ ହୋଇଯାଇଥିଲେ।

ମ୍ୟାଚ ପରେ ଉପସ୍ଥାପନା ସମୟରେ ଆରସିବି ଅଧିନାୟକ ରଜତ ପତିଦାର କହିଥିଲେ, ଏହା ଆଶ୍ଚର୍ଯ୍ୟଜନକ ଲାଗୁଛି। ଯେତେବେଳେ ଆମେ ଏଠାକୁ ଆସିଥିଲୁ, ଗତବର୍ଷର ଅନେକ ସ୍ମୃତି ଫେରି ଆସିଛି। ମୋର ଭାବନାକୁ ପ୍ରକାଶ କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ। କିନ୍ତୁ ମୁଁ ବହୁତ ଭଲ ଅନୁଭବ କରୁଛି। ଆମର ଯୋଜନା ବହୁତ ସ୍ପଷ୍ଟ ଥିଲା। ଯେତେବେଳେ ଆମେ ଟସ୍ ଜିତିଲୁ, ଟାର୍ଗେଟ ପିଛା କରିବା ଆମ ପାଇଁ ସହଜ ହୋଇଗଲା। ସାରା ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର, ହାଜେଲଉଡ୍, ରସିକ୍, କୃଣାଲ୍, ସୁୟାଶ ଏବଂ ସେଫର୍ଡ ଯେଭଳି ବୋଲିଂ କରିଥିଲେ ତାହା ପ୍ରକୃତରେ ପ୍ରଶଂସନୀୟ ଥିଲା। ମୁଁ କେବେ ସ୍ୱପ୍ନରେ ମଧ ଭାବି ନଥିଲି ଯେ ମୁଁ ଆରସିବିର ଅଧିନାୟକ ହେବି ଏବଂ ଟ୍ରଫି ଜିତିବି। ମୁଁ ଭାବୁଛି ଏହା ମୋ ଭାଗ୍ୟରେ ଲେଖାଯାଇଥିଲା। ମୁଁ ଏଥିପାଇଁ ବହୁତ କୃତଜ୍ଞ।

ସେ କହିଥିଲେ, ଏହି ଥର ଆମର ଆତ୍ମବିଶ୍ୱାସ ଗତବର୍ଷ ତୁଳନାରେ ଟିକେ ଅଧିକ ଥିଲା। ଆମେ ଯେଉଁଠାରେ ଖେଳିଥିଲୁ, ପ୍ରଶଂସକମାନେ ଏହାକୁ ଘର ପରି ଅନୁଭବ କରାଇଥିଲେ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମୋର ପ୍ରସ୍ତୁତି ବହୁତ ଭଲ ଥିଲା। ମୁଁ ବିଶ୍ଳେଷଣ କରିବାକୁ ଚେଷ୍ଟା କଲି ଯେ କେଉଁ ସଟ୍ ମୋ ପାଇଁ ସର୍ବୋତ୍ତମ କାମ କରିବ। ମୁଁ ଦିନେଶ କାର୍ତ୍ତିକଙ୍କଠାରୁ ଅନେକ ମୂଲ୍ୟବାନ ପରାମର୍ଶ ପାଇଲି, ଯାହା ବହୁତ ସହାୟକ ପ୍ରମାଣିତ ହେଲା। ସେ ସବୁବେଳେ ଦଳ ପାଇଁ ଅଛନ୍ତି। ପାଟିଦାର ଆରସିବି ପ୍ରଶଂସକମାନଙ୍କୁ ସମ୍ବୋଧିତ କରି କହିଥିଲେ, ଏହା ପୁଣି ଥରେ ତୁମ ପାଇଁ। ଅନ୍ତିମ ମ୍ୟାଚ୍ ଉପରେ ଧ୍ୟାନ ଦେଇ ଗୁଜରାଟ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ବିରାଟ କୋହଲିଙ୍କ ଅପରାଜିତ ୭୫ ରନ୍ ପାଇଁ ବେଙ୍ଗାଲୁରୁ ୧୮ ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ୍ କରି ମ୍ୟାଚ୍ ଜିତିଥିଲା ଏବଂ ଆଇପିଏଲ୍ ୨୦୨୬ ଟ୍ରଫି କବଜା କରିଥିଲା।

# ଜୁନରୁ ଭାରତର ଆନ୍ତର୍ଜାତିକ କ୍ରିକେଟ

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୬ର ରୋମାଞ୍ଚକର ସିଜିନ ଶେଷ ହୋଇଛି। ଗୁଜରାଟ ଟାଇଟନ୍ସକୁ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ୍ ଟ୍ରଫି ନିଜ ନାଁରେ କରିଛି। ଆଇପିଏଲ୍ ମହାକୁମ୍ଭ ସରିବା ପରେ ଏବେ ପୁଣି ଥରେ ଆନ୍ତର୍ଜାତୀୟ କ୍ରିକେଟ୍‌ର ମଜା ନେବାକୁ ପ୍ରସ୍ତୁତ ହେଉଛନ୍ତି କ୍ରିକେଟ୍ ପ୍ରେମୀ। ବିଗତ ଦୁଇ ମାସ ଧରି ଆଇପିଏଲ୍‌ରେ ପରସ୍ପର ବିପକ୍ଷରେ ଲଢୁଥିବା ବିରାଟ କୋହଲି ଓ ଶୁଭମନ ଗିଲ୍‌ଙ୍କ ଭଳି ତାରକା ଖେଳାଳିମାନେ ଏବେ ପୁଣି ଥରେ ନୀଳ ଜର୍ସିରେ ଧମାଲ୍ କରିବାକୁ ଯାଉଛନ୍ତି। ଭାରତୀୟ ଦଳର ଆଗାମୀ ମ୍ୟାଚ୍ ପାଇଁ ଫ୍ୟାନ୍ସଙ୍କୁ ଅଧିକ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆସନ୍ତୁ ଜାଣିବା କେବେ ଏବଂ କେଉଁ ଦଳ ସହ ମଇଦାନକୁ ଓହ୍ଲାଇବ ଟିମ୍ ଇଣ୍ଡିଆ।



ଟିମ୍ ଇଣ୍ଡିଆର ଆଗାମୀ ଲଢେଇ ଆଫଗାନିସ୍ତାନ ସହ ହେବାକୁ ଯାଉଛି। ଭାରତ ଗସ୍ତରେ ଆସୁଥିବା ଆଫଗାନିସ୍ତାନ ଦଳ ଏଠାରେ ଏକମାତ୍ର ଟେଷ୍ଟ ଏବଂ ୩ଟି ଦିନିକିଆ ମ୍ୟାଚ୍‌ର ସିରିଜ୍ ଖେଳିବ। ଆସନ୍ତା ଜୁନ୍ ୬ ରୁ ୧୦ ତାରିଖ ମଧ୍ୟରେ ନ୍ୟୁ ଚଣ୍ଡୀଗଡ଼ ଠାରେ ଏହି ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରତିଦିନ ସକାଳ ୯:୩୦ରୁ ଖେଳ ଆରମ୍ଭ ହେବ। ଏହି ଟେଷ୍ଟ ମ୍ୟାଚ୍ ପାଇଁ ଶୁଭମନ ଗିଲ୍‌ଙ୍କୁ ଅଧିନାୟକ ଏବଂ କେଏଲ୍ ରାହୁଲଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି। ଏହାସହ ମାନବ ସୁଥାର, ଗୁରନୁର ବ୍ରାର ଏବଂ ହର୍ଷ ଦୁବେଙ୍କ ଭଳି ନୂଆ ଚେହେରାଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସୁଯୋଗ ଦିଆଯାଇଛି। ଟେଷ୍ଟ ମ୍ୟାଚ୍ ପରେ ଜୁନ୍ ୧୩ ତାରିଖରୁ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ସିରିଜ୍ ପାଇଁ ବିସିସିଆଇ ସ୍କ୍ୱାଡ୍ ଘୋଷଣା କରିସାରିଛି, ଯେଉଁଥିରେ ରୋହିତ ଶର୍ମା ଏବଂ ବିରାଟ କୋହଲି ସାମିଲ ଅଛନ୍ତି। ତେବେ ରୋହିତ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଖେଳିବା ସେମାନଙ୍କ ଫିଟନେସ୍ ଉପରେ ନିର୍ଭର କରିବ ବୋଲି ବୋର୍ଡ ସ୍ପଷ୍ଟ କରିଛି। ଆଫଗାନିସ୍ତାନ ସିରିଜ୍ ଶେଷ ହେବା ସଙ୍ଗେ ସଙ୍ଗେ ଭାରତୀୟ ଦଳ ଆୟରଲ୍ୟାଣ୍ଡ ଗସ୍ତ କରିବ, ଯେଉଁଠାରେ ୨ଟି ଟି-୨୦ ମ୍ୟାଚ୍ ଖେଳାଯିବ।

# ସେମିରେ ଭୁବନେଶ୍ୱର 'ଏ'-ସୁନ୍ଦରଗଡ, କଟକ 'ଏ'-ରାଉରକେଲା

କଟକ: ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍‌ର ରବିବାର ୪ଟି କ୍ୱାର୍ଟର ଫାଇନାଲ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଭୁବନେଶ୍ୱର-ଏ', କଟକ-ଏ', ସୁନ୍ଦରଗଡ, ରାଉରକେଲା ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ଆଜି ଭୁବନେଶ୍ୱର-ଏ' ଓ ସୁନ୍ଦରଗଡ ମଧ୍ୟରେ ପ୍ରଥମ ଏବଂ କଟକ-ଏ' ଓ ରାଉରକେଲା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ରବିବାର ଭୁବନେଶ୍ୱର-ଏ' ବ୍ୟାଟର କ୍ରୀଷ୍ଣା ସାସ୍‌ମଲ ଶତକ (୧୦୧ରନ, ୬୨ବଲ୍) ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସାଥୀ ଖେଳାଳି ସେମ୍ୟରଞ୍ଜନ ମହାନ୍ତି ୫ଟି ୱିକେଟ ହାସଲ କରିଥିଲେ।



ପ୍ରଥମ କ୍ୱାର୍ଟର ଫାଇନାଲ୍‌ରେ ଭୁବନେଶ୍ୱର-ଏ' ୭ ୱିକେଟ୍‌ରେ କନ୍ଧମାଳକୁ ପରାସ୍ତ କରିଛି। କନ୍ଧମାଳ ୩୩.୩ ଓଭରରେ ୧୭୫ରନ୍ କରିଥିଲା। ଆୟୁଷ ପ୍ରଧାନ ୪୮ରନ୍ କରିଥିବା ବେଳେ ସେମ୍ୟରଞ୍ଜନ ମହାନ୍ତି ୫ଟି ୱିକେଟ୍ ନେଇଥିଲେ। ଜବାବରେ ଭୁବନେଶ୍ୱର-ଏ' ୨୦.୧ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୭୮ରନ୍ ହାସଲ କରି ନେଇଥିଲା। କ୍ରୀଷ୍ଣା ସାସ୍‌ମଲ ୧୦୧ରନ୍ କରିଥିଲେ। ସେମ୍ୟରଞ୍ଜନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ କଟକ-ଏ' ୨ ୱିକେଟ୍‌ରେ ନୟାଗଡକୁ ପରାସ୍ତ କରିଛି। ନୟାଗଡ ୧୬୫ରନ୍ କରିଥିଲା। ଆଦିତ୍ୟ ପ୍ରଧାନ ୬୬ରନ୍ କରିଥିବା ବେଳେ ଅଭିଶେକ ଓ ସାଇରାଜ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ।

ଜବାବରେ କଟକ-ଏ' ୩୨.୧ ଓଭରରେ ୮ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଭିଶେକ କଲିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ ୭ ୱିକେଟ୍‌ରେ ଝାରସୁଗୁଡାକୁ ପରାସ୍ତ କରିଛି। ଝାରସୁଗୁଡା ୩୫ ଓଭରରେ ୭ ୱିକେଟ୍ ହରାଇ ୨୦୦ ରନ୍ କରିଥିଲା। ଦୀପକ ଯାଦବ ୮୫ ଓ ଓମ୍ ସୁକୁନିଆ ୫୦ରନ୍ କରିଥିଲେ।

ଜବାବରେ ସୁନ୍ଦରଗଡ ୩୩ଓଭରରେ ୩ ୱିକେଟ୍ ହରାଇ ୨୦୪ରନ୍ କରି ମ୍ୟାଚ୍ ଜିତିଥିଲା। ଆଦିତ୍ୟ ଆନନ୍ଦ ୮୭ରନ୍ କରିଥିଲେ। ତାଙ୍କୁ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। ଶେଷ କ୍ୱାର୍ଟର ଫାଇନାଲ୍‌ରେ ରାଉରକେଲା ୮ ୱିକେଟ୍‌ରେ ଭୁବନେଶ୍ୱର-ବି' କୁ ପରାସ୍ତ କରିଛି। ଭୁବନେଶ୍ୱର-ବି' ୩୫ ଓଭରରେ ୯ ୱିକେଟ୍ ହରାଇ ୧୫୯ରନ୍ କରିଥିଲା। ଅଂଶୁମାନ ଆଚାର୍ଯ୍ୟ ୫୦ରନ୍ କରିଥିବା ବେଳେ କ୍ରୀଷ୍ଣା ସିଂହ ୩ଟି ୱିକେଟ୍ ନେଇଥିଲେ। ଜବାବରେ ରାଉରକେଲା ୨୭.୪ ଓଭରରେ ୨ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୬୦ରନ୍ କରି ନେଇଥିଲା। ପ୍ରଚେତ ସିଂହ ୯୨ରନ୍(୯୭ବଲ୍) ସ୍କୋର୍ କରିଥିଲେ। ପ୍ରଚେତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# 'ଇମ୍ପାକ୍ଟ ଖେଳାଳି' ନିୟମ ହଟୁ : ସଚିନ

ମୁମ୍ବାଇ,୧।୬: ଆଇପିଏଲ୍‌ରେ ପ୍ରଚଳିତ 'ଇମ୍ପାକ୍ଟ ଖେଳାଳି' ନିୟମ ପୁଣି ଚର୍ଚ୍ଚାକୁ ଆସିଯାଇଛି। ଏହି ବ୍ୟବସ୍ଥାକୁ ହଟାଇଦେବାକୁ କିମ୍ବଦନ୍ତି ବ୍ୟାଟର୍ ସଚିନ ତେନ୍ଦୁଲକର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ନିୟମ ଏହା ବ୍ୟାଟିଂ ଓ ବୋଲିଂ ମଧ୍ୟରେ ବି ଭାରସାମ୍ୟ ବିଗାଡ଼ିଦେଉଛି।



ସେ କହିଛନ୍ତି, ଏକ ୨୦ ଓଭର ମ୍ୟାଚ୍‌ରେ ଯେତେବେଳେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ଖେଳାଯାଉଛି ତାହା ବୋଲର୍‌ମାନଙ୍କ ଆଗରେ ଅତିରିକ୍ତ ଆହ୍ୱାନ ସୃଷ୍ଟି କରୁଛି। ଆଇପିଏଲ୍‌ରେ ବ୍ୟାଟିଂ ଅନୁକୂଳ ପିଚ୍ ଯୋଗୁଁ ରେକର୍ଡ ରନ୍ ସ୍କୋର୍ ହେଉଥିବାବେଳେ ଇମ୍ପାକ୍ଟ ଖେଳାଳି ନିୟମ ବ୍ୟାଟିଂ ଓ ବୋଲିଂ ମଧ୍ୟରେ ଥିବା ଭାରସାମ୍ୟହୀନତାକୁ ଆହୁରି ବଢାଇଦେଉଛି। ବ୍ୟାଟିଂ ଓ ବୋଲିଂ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପାୱାର୍‌ପ୍ଲେ ନିୟମରେ ବି ପରିବର୍ତ୍ତନ କରିବାକୁ ସେ ପରାମର୍ଶ ଦେଇଛନ୍ତି। 'ବ୍ୟାଟିଂ ପାୱାରପ୍ଲେ' ପରି 'ବୋଲିଂ ପାୱାରପ୍ଲେ' ଆରମ୍ଭ କରିବାକୁ ସେ କହିଛନ୍ତି। ମ୍ୟାଚ୍‌ର ପ୍ରଥମ ଛଅ ଓଭର ପାୱାରପ୍ଲେ ମଧ୍ୟରୁ ଚାରି ଓଭରରେ ପୂର୍ବବତ୍ ଫିଲ୍ଡିଂ କଟକଣା ରହୁ ଓ ଅବଶିଷ୍ଟ ଦୁଇ ଓଭର ପାୱାର ପ୍ଲେ କେତେବେଳେ ନିଆଯିବ ତାହାର ଅଧିକାର ବୋଲିଂ ଅଧିନାୟକଙ୍କୁ ଦିଆଯାଉ ଓ ସେହି ଦୁଇ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ଭିତର ବୃତ୍ତ ବାହାରେ ଯେକୌଣସି ସ୍ଥାନରେ ରଖିବାକୁ ଅନୁମତି ଦିଆଯାଉ।ପୂର୍ବରୁ ରୋହିତ ଶର୍ମା ଓ ଶୁବମନ ଗିଲ୍‌ଙ୍କ ପରି ଖେଳାଳି ମଧ ଇମ୍ପାକ୍ଟ ଖେଳାଳି ନିୟମକୁ ସମାଲୋଚନା କରିଥିଲେ। ଏହା ଦଳରେ ଅଲ୍‌ରାଉଣ୍ଡରଙ୍କ ଭୂମିକା ଗୌଣ କରୁଛି ବୋଲି ସେ କହିଥିଲେ।

# ଆରସିବିକୁ ୨୦ କୋଟି, ବୈଭବଙ୍କୁ ଏକାଧିକ ପୁରସ୍କାର

ନୂଆଦିଲ୍ଲୀ,୧।୬: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫାଇନାଲରେ ଗୁଜରାଟ ଟାଇଟାନ୍ସକୁ ୫ ୱିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଥର ପାଇଁ ଓଟଖ ୨୦୨୬ ଟ୍ରଫି ଜିତିଛି। ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଜଉଇ ଗୁଜରାଟ ଟାଇଟାନ୍ସକୁ ମୋଟ ୧୫୫ ରନରେ ସୀମିତ ରଖିଲା। ଟାର୍ଗେଟର ପିଛା କରୁଥିବା ସମୟରେ, ବିରାଟ କୋହଲି ୭୫ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଫାଇନାଲରେ କୋହଲିଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ପୁରସ୍କାର ଦିଆଯାଇଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କୁ 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ବିବେଚିତ କରାଯାଇଥିଲା, ସେ ଅରେଞ୍ଜ କ୍ୟାପ ସମେତ ଅନେକ ପୁରସ୍କାର ଜିତିଥିଲେ।ଚାମ୍ପିୟନ ହେବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୨୦ କୋଟି ପୁରସ୍କାର ମିଳିଥିଲା। ଦଳଟି କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଛି, ସମାନ ସ୍ଥାନରେ ଉଭୟ ଟ୍ରଫି ହାସଲ କରିଛି। ରନର୍ସଅପ ହୋଇଥିବା ଗୁଜରାଟ ଟାଇଟାନ୍ସକୁ ୧୨.୫ କୋଟି ମିଳିଥିଲା। ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ ବିଜେତା ଥିଲେ; ଏହା ସହିତ, ତାଙ୍କୁ ସିଜିନର ସବୁଠାରୁ ମୂଲ୍ୟବାନ ଖେଳାଳି, ସିଜିନର ଉଦୀୟମାନ ଖେଳାଳି, ସିଜିନର ସୁପର ଷ୍ଟ୍ରାଇକର ଏବଂ ସର୍ବାଧିକ ଛକା ମାରିବା ପାଇଁ ପୁରସ୍କାର ମିଳିଥିଲା। ମୋଟ, ସେ ୪୫ ଲକ୍ଷ ପୁରସ୍କାର ରାଶି ପାଇଥିଲେ, ଯେଉଁଥିରେ ଏକ ସିଏରା କାର ମଧ ଅନ୍ତର୍ଭୁକ୍ତ ଥିଲା।



# ଚେକ୍ ରିପବ୍ଲିକ୍ ଦଳରେ ସ୍ଥାନ ପାଇଲେ ୧୭ ବର୍ଷୀୟ ଖେଳାଳି

ପ୍ରେଗ୍,୧।୬: ବିଶ୍ୱକପ୍ ପାଇଁ ଚେକ୍ ରିପବ୍ଲିକ ଫୁଟ୍‌ବଲ ଦଳରେ ସ୍ପାର୍ଟା ପ୍ରେଗ୍ ୧୭ ବର୍ଷୀୟ ମିଡ୍‌ଫିଲ୍ଡର ହୁଗୋ ସୋଚୁରେକ୍ ସ୍ଥାନ ପାଇଛନ୍ତି। କୋସୋଭୋ ବିପକ୍ଷ ଏକ ୱାର୍ମଅପ୍ ଗେମ୍‌ରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଜାତୀୟ ଦଳ ପାଇଁ ଖେଳିଥିଲେ। ଚେକ୍‌ରିପବ୍ଲିକର ରବିବାର ଖେଳାଯାଇଥିବା ମ୍ୟାଚ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ସୋଚୁରେକ୍ ଏହି ମ୍ୟାଚରେ ଜଣେ ବଦଳ ଖେଳାଳି ଭାବେ ଖେଳିଥିଲେ। ଏହି ମ୍ୟାଚ ପରେ କୋଚ୍ ମିରୋସ୍ଲାମ ଚେକ୍ ରିପବ୍ଲିକର ଚୂଡ଼ାନ୍ତ ୨୬ ଜଣିଆ ଦଳରେ ତାଙ୍କୁ ସାମିଲ କରିଛନ୍ତି।

# ବିଶ୍ୱକପ୍ ଫୁଟ୍‌ବଲ ସିଧା ପ୍ରସାରଣ ଦେଖିପାରିବେ ଭାରତୀୟ ପ୍ରଶଂସକ

ନୂଆଦିଲ୍ଲୀ,୧।୬: ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ୍ ଲିମିଟେଡ (ଜୀଲ୍) ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ସହ ଏକ ୮ବର୍ଷୀୟା ପାର୍ଟନେରଶିପ୍ ଚୁକ୍ତି କରଥିବା ସୋମବାର ପ୍ରକାଶ କରିଛି। ଫଳତଃ ଜୀ ଏଣ୍ଟରଟେନ୍‌ମେଣ୍ଟ ଭାରତୀୟ ବଜାରରେ ବିଶ୍ୱକପ୍ ୨୦୨୬ ସମେତ ଫିଫା ଦ୍ୱାରା ପରିଚାଳିତ ୩୯ ଗ୍ଲୋବାଲ ଇଭେଣ୍ଟର ସିଧାପ୍ରସାରଣ କରିବ। ଫିଫା ବିଶ୍ୱକପ୍ ୨୦୨୬ ଆସନ୍ତା ଜୁନ୍ ୧୧ରୁ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଫୁଟ୍‌ବଲ ପ୍ରେମୀମାନେ ଏହାର ସିଧା ପ୍ରସାରଣ ଜିଲ୍'ର ସ୍ପଟର୍ସ ନେଟୱର୍କ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ଜିଓ ଜରିଆରେ ଦେଖିପାରିବେ।

# ଫ୍ୟାନ୍ସଙ୍କ ସହ ଅନ୍ୟାୟ ହୋଇଛି : ଶିବକୁମାର

ନୂଆଦିଲ୍ଲୀ,୦୧/୦୫; ଆଇପିଏଲ୍ ସିଜିନ ୧୯ ସରିଛି । ଇତିହାସ ଦୋହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ ହୋଇଛି । ୨୦୨୫ରେ ୧୮ ବର୍ଷ ପରେ ବିଜେତା ହୋଇଥିବା ଆରସିବି ଏଥର ବି ଆଇପିଏଲ ଟାଇଟଲ ହାତେଇଛି । ବ୍ୟାକ୍ ଟୁ ବ୍ୟାକ୍ ଟ୍ରଫି ଜିତି ଫ୍ୟାନ୍ସଙ୍କୁ ଖୁସି କରି ଦେଇଛନ୍ତି ଆରସିବି । ହେଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଡିକେ ଶିବକୁମାର ଫ୍ୟାନ୍ସଙ୍କ ପାଇଁ ଅନ୍ୟାୟ ବୋଲି କାହିଁକି କହିଲେ ? ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଆରସିବିର ବିଜୟରେ ପ୍ରତିକ୍ରିୟା ଦେଇ ଡିକେ ଶିବକୁମାର କହିଛନ୍ତି ଯେ, ଫାଇନାଲ୍ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବା ଉଚିତ ଥିଲା । ଏହା ଫ୍ରାଞ୍ଚାଇଜର ବିଶ୍ୱସ୍ତ ପ୍ରଶଂସକଙ୍କ ପ୍ରତି ଅନ୍ୟାୟ କରାଯାଇଛି । ଆରସିବି ବିଜୟରେ ପ୍ରତିକ୍ରିୟା ସହ ଆଇପିଏଲ ଫାଇନାଲ ପାଇଁ ସ୍ଥାନ ଚୟନକୁ ସମାଲୋଚନା କରି ଡିକେ ଶିବକୁମାର କହିଛନ୍ତି, '' ରୟାର ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସମର୍ଥକମାନଙ୍କୁ ଘରୋଇ ମାଟିରେ ଦଳର ଟାଇଟଲ ବିଜୟ ମୂହୁର୍ତ୍ତ ଦେଖିବାର ସୁଯୋଗରୁ ବଞ୍ଚିତ କରାଯାଇଥିଲା । ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁର ଚିନାସ୍ୱାମୀ ଷ୍ଟାଡିୟମରେ ହେବାର ଥିଲା । ଫାଇନାଲ ଭେନ୍ୟୁ ବଦଲାଇ ଫ୍ରାଞ୍ଚାଇଜର ବିଶ୍ୱସ୍ତ ଏବଂ ପ୍ରଶଂସକଙ୍କ ସହ ଅନ୍ୟାୟ କରାଯାଇଛି । ଏହି ବର୍ଷ ଜଉଇ ଖେଳାଳିମାନେ ଅସାଧାରଣ ଭାବରେ ଭଲ ଖେଳିଛନ୍ତି । କର୍ଣ୍ଣାଟକର ପ୍ରଶଂସକ, ଜଉଇର ପ୍ରଶଂସକ ଏବଂ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ, ମୁଁ ସେମାନଙ୍କୁ ଶୁଭକାମନା ଜଣାଉଛି ।''

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ